ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-07**

## ବ୍ଲକ୍-୦୨

## ଯୋଗାଯୋଗର ନମୁନା

ୟୁନିଟ୍-୧ ଯୋଗାଯୋଗ ନମୁନାର ସ୍ୱରୂପ
ୟୁନିଟ୍ -୨ ବିଭିନ୍ନ ପ୍ରକାରର ନମୁନା
ୟୁନିଟ୍ -୩ ଯୋଗାଯୋଗ ସିଦ୍ଧାନ୍ତର ନମୁନା
ୟୁନିଟ୍ -୪ ନୂତନ ନମୁନା

## ବିଶେଷଜ୍ଞ  କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭରାତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ  ସାମନ୍ତରାୟ**
ନିର୍ଦ୍ଦେଶକ,  ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| **ମୂଳ ଇଂରାଜୀ** | **ଅନୁବାଦ** | **ସମ୍ପାଦନା** |
|---|---|---|
| **ସୃଷ୍ଟି ମିଶ୍ର** | **ବିଦ୍ୟାଧର ପଣ୍ଡା** | **ସଂଚିତ ମିଶ୍ର** |
| ଗଣମାଧମ ଶିକ୍ଷାବିତ୍ | ବରିଷ୍ଠ ସାମ୍ବାଦିକ | ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ |

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2020. *Communication Models* is made available under a Creative Commons Attribution-Share Alike 4.0
http://creativecommons.org/licences/by-sa/4.0

Printed by :

# ୟୁନିଟ– ୧:  ଯୋଗାଯୋଗ ନମୁନା


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩:  ଯୋଗାଯୋଗ ସିଦ୍ଧାନ୍ତର ସ୍ୱରୂପ

୧.୪:  ଯୋଗାଯୋଗ ନମୁନାର ସ୍ୱରୂପ

୧.୫:  ନମୁନା ଓ ଏହାର ବିଶେଷତ୍ୱ

୧.୬:  ଯୋଗାଯୋଗ ନମୁନାର ବର୍ଗୀକରଣ

୧.୭:  ଲିନିଅର୍ ଓ ନନ୍‌ଲିନିଅର୍ ଯୋଗାଯୋଗ ନମୁନା

୧.୮:  ନମୁନା ଗୁଡ଼ିକର ଉପାଦେୟତା

୧.୯:  ନମୁନା ଗୁଡ଼ିକର ଦୁର୍ବଳତା

୧.୧୦:  ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ଯୋଗାଯୋଗ ନମୁନାଗୁଡ଼ିକ ଗବେଷଣା ପାଇଁ ମାର୍ଗଦର୍ଶିକା ଭାବେ କାମ କରେ ଓ ଗବେଷଣା ଲବ୍ଧ ତଥ୍ୟ ପ୍ରକାଶ କରିବା ପାଇଁ ଏକ ମାଧ୍ୟମ ସାଜିଥାଏ। ଏହି ନମୁନାଗୁଡ଼ିକୁ ଗବେଷକ, ବୃତ୍ତିଧାରୀ ଓ ଛାତ୍ରମାନଙ୍କୁ ଯୋଗାଯୋଗର ବିଭିନ୍ନ ଦିଗ ବିଷୟରେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିବା ଓ ସାହାଯ୍ୟ କରୁଥିବା ଯନ୍ତ୍ରାଂଶ ବୋଲି ଧରାଯାଏ। ଏହି ୟୁନିଟ୍‌ରେ ଆମେ ଅଧିକ ଜଟିଳ ଯୋଗାଯୋଗ ନମୁନାର ବିକାଶରେ ସହାୟକ ହୋଇଥିବା ମୌଳିକ ଯୋଗାଯୋଗର କେତେକ ନମୁନା ବିଷୟରେ ପଢିବା।

## ୧.୨: ବିଷୟ ପରିଚୟ

ସାଧାରଣତଃ ମାନବୀୟ କାର୍ଯ୍ୟକଳାପକୁ ଯୋଗାଯୋଗ ବୋଲି ଧରାଯାଏ, ଯାହାକୁ ପ୍ରତ୍ୟେକ ଲୋକ ଜାଣି ପାରନ୍ତି କିନ୍ତୁ ସନ୍ତୋଷଜନକ ଭାବେ ବୁଝାଇ ପାରନ୍ତି ନାହିଁ। ପରସ୍ପର ସହିତ ଆଳାପ ବା ଆଲୋଚନା, ଟେଲିଭିଜନ୍, ସମ୍ବାଦପତ୍ର, ରେଡିଓ, ଲୋକଗୀତ. ନାଟକ ଓ ସିନେମା ଭଳି ମାତୃଭାଷାର ମାଧ୍ୟମ ପରି ଗଣମାଧ୍ୟମର ବିଭିନ୍ନ ମାଧ୍ୟମରେ ସୂଚନା ଗ୍ରହଣ ଓ ପ୍ରେରଣ କରିବା ସୂଚନା ବା ଧାରଣା ପ୍ରସାରିତ କରିଥାଏ। କିନ୍ତୁ ଯୋଗାଯୋଗର ମାଧ୍ୟମକୁ 'ପାଠ୍ୟ ବିଷୟ' ରୂପେ ସଂପୂର୍ଣ୍ଣ ରୂପେ ସଂଜ୍ଞା ନିରୂପଣ କରିବାରେ ଶିକ୍ଷା ବିଶେଷଜ୍ଞମାନଙ୍କ ପାଇଁ ସହଜ ହୋଇ ନଥାଏ। ମାନବୀୟ ଯୋଗାଯୋଗର ବିବିଧତା ମଧ୍ୟ କେବଳ ମୌଖିକ ଯୋଗାଯୋଗ ଭିତରେ ସୀମାବଦ୍ଧ ହୋଇ ନପାରେ। ସମସ୍ତ ପ୍ରକାରର ଯୋଗାଯୋଗରେ ସାଇନ୍ ଓ କୋଡ୍ (ସଙ୍କେତ ଓ ଭିତିରି ଅର୍ଥ) ରହିଥାଏ।

**ସାଇନ୍** ବା **ଠାର** ହେଉଛି ସେହି କଳା ବା ଅଭିନୟ, ଯାହା ଭିନ୍ନ କିଛି ଅର୍ଥ ବୁଝାଏ ଅର୍ଥାତ ସେଗୁଡ଼ିକ ସାଙ୍କେତିକ। କୋଡ୍ ହେଉଛି ସେହି ବ୍ୟବସ୍ଥା, ଯାହା ସାଇନ/ଠାର ଗୁଡ଼ିକୁ ସଂଗଠିତ କରିଥାଏ ଓ ସେଗୁଡ଼ିକ କିପରି ପରସ୍ପର ସହ ସଂପର୍କିତ ତାହା ନିର୍ଦ୍ଧାରଣ କରିଥାଏ।

## ୧.୩: ଯୋଗାଯୋଗ ମତବାଦର ସ୍ୱରୂପ

ଯୋଗାଯୋଗ ହେଉଛି କିମ୍ବା ଏକ ଉତ୍ସରୁ ବାର୍ତ୍ତା ସଂଗ୍ରହ କରି ପ୍ରସାରଣ କରିବାର ପ୍ରକ୍ରିୟା, ଅର୍ଥାତ ପାରସ୍ପରିକ ବୁଝାମଣା ଭିତରେ ଜଣେ ବ୍ୟକ୍ତିଠାରୁ ଅନ୍ୟଜଣକ ପାଖକୁ ବାର୍ତ୍ତା ପ୍ରେରଣ। ଏହା ହେଉଛି ଏକ ପୁରୁଣା ଅଭ୍ୟାସ, ଯାହା ସମାଜକୁ ଏକପ୍ରକାର ଗଠନ କରିଥାଏ।

ଯୋଗାଯୋଗ ପ୍ରକ୍ରିୟାରେ, ପ୍ରଥମେ ସୂଚନା ସଂଗ୍ରହ କରାଯାଏ ଓ ଜଣେ ପ୍ରେରକ ଏହି ସୂଚନାକୁ ଗ୍ରାହକ ପାଖକୁ ପଠାଏ। ବାର୍ତ୍ତା ଗ୍ରହଣ ହେବା ମାତ୍ରେ ଗ୍ରାହକ ଏହାର ଡିକୋଡିଂ କରେ/ ଅର୍ଥ ବାହାର କରେ ଏବଂ ପ୍ରେରକକୁ ଫିଡ୍‌ବ୍ୟାକ୍/ପାଲଟା ବାର୍ତ୍ତାଦିଏ। ପ୍ରତ୍ୟେକ ଯୋଗାଯୋଗ ପ୍ରକ୍ରିୟାରେ ସର୍ବଦା ଜଣେ ପ୍ରେରକ, ଗୋଟିଏ ବାର୍ତ୍ତା ଓ ଜଣେ ଗ୍ରାହକ ଥାଆନ୍ତି। ସେଗୁଡ଼ିକ ହେଲା **ଓରାଲ୍/ଭର୍ବାଲ୍** ବା **ମୌଖିକ/ବାଚନିକ/ଶାବ୍ଦିକ** ଯେଉଁଥିରେ ଶବ୍ଦ, ସଙ୍ଗୀତ ଓ କଣ୍ଠସ୍ୱର ବ୍ୟବହାର ଆବଶ୍ୟକ ଥାଏ, **ନନ୍‌ଭର୍ବାଲ୍** ବା ସାଙ୍କେତିକ ଭାଷା ଯେଉଁଥିରେ ବଡି ଲାଙ୍ଗୁଏଜ୍ ବା ଶାରୀରିକ ଭାଷା, ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷା, ପାରାଲାଙ୍ଗୁଏଜ୍ ବା ସମାନ୍ତରାଳ ଭାଷା ଯଥା: ସ୍ପର୍ଶ, ଆଖିଠାର ଓ ଲେଖା ସାମିଲ୍।

ସିଦ୍ଧାନ୍ତ ବା ମତବାଦଗୁଡ଼ିକ ସୃଷ୍ଟି ହେବାର କାରଣ, ସେଗୁଡ଼ିକ କାହିଁକି ଓ ଓ କିପରି ରୂପରେଖ ପାଇଲା, ଆମେ ଏବେ ତାହା ବୁଝିବା। ଆମେ ଜାଣୁ ଯେ **'ସିଦ୍ଧାନ୍ତ'** ବା ମତବାଦ ହେଉଛି କେତେକ ଘଟଣାକୁ ନେଇ ଗବେଷଣା ଜରିଆରେ ଏକ ଧାରଣା ଆଧାରିତ ନୀରିକ୍ଷଣ କିନ୍ତୁ ଯୋଗାଯୋଗ ପ୍ରକ୍ରିୟାକୁ ବୁଝିବା ପାଇଁ ଗବେଷଣାକୁ **'କମ୍ୟୁନିକେସନ୍ ସିଦ୍ଧାନ୍ତ'** ବା **'ଯୋଗାଯୋଗ ମତବାଦ'** ରୂପେ ନାମିତ କରାଯାଇ ପାରିବ। **କମ୍ୟୁନିକେସନ୍ ସିଦ୍ଧାନ୍ତ** ଏକ ନୂଆ ବା ଭିନ୍ନ ବିଭାଗର ଶିକ୍ଷା ନୁହେଁ, ଏଥିରେ ଅନ୍ୟ ବିଷୟ ସହ ମିଶି ରହିଥାଏ।

ଯୋଗାଯୋଗରେ ହେଉଥିବା ସମସ୍ୟାକୁ ପ୍ରଥମେ ଆରିଷ୍ଟୋଟଲ୍ ଠାବ କରିଥିଲେ ଏବଂ ପ୍ରଭାବିତ କରିବାର କଳା ଉପରେ ଗୁରୁତ୍ୱ ଦେଇ ଏକ **'ସିଦ୍ଧାନ୍ତ'** ବା ମତବାଦ ପ୍ରସ୍ତୁତ କରିଥିଲେ। ବିଂଶ ଶତାବ୍ଦୀ ପୂର୍ବରୁ ଏହି ସିଦ୍ଧାନ୍ତକୁ ବୁଝାଇବା ପାଇଁ ମାନବିକ ଓ ମୌଖିକ ଦୃଷ୍ଟିକୋଣ ଓ ଧାରଣାର ପ୍ରୟୋଗ କରାଯାଉଥିଲା। ତେବେ, ବିଂଶ ଶତାବ୍ଦୀରେ ନୂତନ ବୈଜ୍ଞାନିକ କୌଶଳ ସହିତ ମନୋବିଜ୍ଞାନ, ସମାଜବିଜ୍ଞାନ, ଭାଷାତତ୍ତ୍ୱ ଓ ବିଜ୍ଞାପନରୁ ମିଳିଥିବା ଅନ୍ତର୍ଦୃଷ୍ଟି, ଯୋଗାଯୋଗର ପରିକଳ୍ପିତ ଧାରଣା ଓ ବାସ୍ତବତାକୁ ଅଧିକ ଯୋଡ଼ିଦେଲା।

## ୧.୪: ଯୋଗାଯୋଗ ନମୁନାର ଧାରଣା

ନିଜ ସହିତ, ଅନ୍ୟ ମାନଙ୍କ ସହିତ ଓ ବାହ୍ୟ ପରିବେଶ ସହିତ ଭାବବିନିମୟ ହେଉଛି **କମ୍ୟୁନିକେସନ୍** ବା ଯୋଗାଯୋଗ। ଆମ ଯୋଗାଯୋଗର ପ୍ରାଥମିକତା ଅନେକ ସମୟରେ ପ୍ରକାଶିତ ଓ ଅନେକ ସମୟରେ ଅପ୍ରକାଶିତ ଓ ଅର୍ଥହୀନ। ସେହିପରି ଆମେ ମଧ୍ୟ ସବୁବେଳେ ଆମ ଯୋଗାଯୋଗର ଉଦ୍ଦେଶ୍ୟ କିମ୍ବା ଉଦ୍ଦିଷ୍ଟ ଗ୍ରାହକଙ୍କ ଉପରେ ଏହାର ସମ୍ଭାବ୍ୟ ପ୍ରଭାବ ସଂପର୍କରେ ସଚେତନ ନଥାଉ।

ଆମ ଯୋଗାଯୋଗକୁ ମଧ୍ୟ ସବୁବେଳେ ସମସ୍ତେ ବୁଝିବାକୁ ସକ୍ଷମ ହୋଇ ନପାରନ୍ତି। ମାନବୀୟ (ସର୍ବସାଧାରଣ) ଯୋଗାଯୋଗରେ ୩ଟି ଉପାଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ସେଗୁଡ଼ିକ ହେଲେ :- **ଇଥସ୍, ଲୋଗୋସ୍ ଓ ପାଥସ୍**। ଇଥସ୍ ହେଉଛି ବକ୍ତାର ଚରିତ୍ର। ଲୋଗୋସ୍ ହେଉଛି ବିଚାର-ଶକ୍ତି ଏବଂ ଏହା ଲେଖା ଓ ଉଚ୍ଚାରଣ ଜରିଆରେ ପ୍ରମାଣିତ ହୋଇଥାଏ। ପାଥସ୍ ହେଉଛି ଅଡିଏନସ୍ ମଧ୍ୟରେ ସୃଷ୍ଟି ହେଉଥିବା ଭାବ। ଗତ ତିରିଶ ବର୍ଷ ମଧ୍ୟରେ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବହୁ ପୂର୍ବରୁ ପ୍ରଣୀତ ସିଦ୍ଧାନ୍ତ ଓ ନମୁନାଗୁଡ଼ିକ ସେହିପରି ରହିଛି। ଏଥିରୁ ପ୍ରମାଣିତ ଯେ, ଏହି ନମୁନାଗୁଡ଼ିକ ନିଜର ଗୁରୁତ୍ୱ ହରାଇନାହାନ୍ତି ଏବଂ ଆଜିକାଲିର ଦୃଶ୍ୟପଟରେ ସେଗୁଡ଼ିକୁ ବ୍ୟବହାର କରିହେବ। ମୌଳିକ ବୈଶିଷ୍ଟ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଓ ସେଗୁଡ଼ିକୁ ପରଖିବା ଲାଗି ଜଟିଳ ବସ୍ତୁ, ପ୍ରାମାଣିକ ତଥ୍ୟ ବା ଉପାୟକୁ ସରଳ ଭାବେ ବୁଝାଇବା ପାଇଁ ସିଦ୍ଧାନ୍ତଗୁଡ଼ିକରୁ ନମୁନା ଗୁଡ଼ିକୁ ବିକଶିତ କରାଯାଇଛି। ସାଧାରଣତଃ ନମୁନାଗୁଡ଼ିକ ନଜରରେ ପଡୁନଥିବା କେତେକ ବିଶେଷତ୍ୱ ପ୍ରତି ଦୃଷ୍ଟି ଆକର୍ଷଣ କରାଇଥାନ୍ତି। ତେଣୁ ନମୁନାଗୁଡ଼ିକର ତର୍ଜମା କରି କୌଣସି ବସ୍ତୁ, ପରିସ୍ଥିତି ଓ ପ୍ରକ୍ରିୟା ସହିତ ଏହାର ସୃଷ୍ଟିକର୍ତ୍ତା ବା ନିର୍ମାତାଙ୍କ ଚିନ୍ତାଧାରା ସଂପର୍କରେ ଜାଣିହୁଏ।

ଯୋଗାଯୋଗ ପାଠ୍ୟକ୍ରମରେ, ନମୁନା ଜରିଆରେ ଜଟିଳ ପ୍ରକ୍ରିୟାର ସରଳୀକରଣ ଗବେଷକ ଓ ଛାତ୍ରମାନଙ୍କୁ ସଂପୃକ୍ତ ଉପାଦାନ ଓ ପ୍ରକ୍ରିୟା ବୁଝିବାରେ ସାହାଯ୍ୟ କରେ। ଏହା ମଧ୍ୟ ନିର୍ମାତାଙ୍କ ଚିନ୍ତାଧାରା ଉପରେ ଅନ୍ତର୍ଦୃଷ୍ଟି ପକାଏ।

## ୧.୫: ନମୁନା ଏବଂ ଏହାର ଗୁରୁତ୍ୱ

ମଡେଲ୍ ବା ନମୁନା ହେଉଛି ଏକ ବାସ୍ତବ ପ୍ରକ୍ରିୟାର କାଳ୍ପନିକ ଢଙ୍ଗରେ ଉପସ୍ଥାପନା, ଯାହା କି ବିଭିନ୍ନ ସମୟରେ ବିଭିନ୍ନ ରୂପରେ ବ୍ୟବହୃତ ହୋଇପାରିବ। ଯୋଗାଯୋଗ ବ୍ୟବସ୍ଥା ଅହରହ ବଦଳୁଥିବାରୁ ଯୋଗାଯୋଗ ହେଉଛି ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଜଟିଳତା ଏବଂ ଯୋଗାଯୋଗ ପ୍ରକ୍ରିୟାରେ ନିରନ୍ତର ପରିବର୍ତ୍ତନ ହେଉଥିବା ଯୋଗୁ ଯୋଗାଯୋଗର କାର୍ଯ୍ୟ, ଗଠନଶୈଳୀକୁ ବୁଝିବା ଓ ବୁଝାଇବା ପାଇଁ ଏହି ମଡେଲ୍‌କୁ ସରଳ ଓ ସାଧାରଣ ଉପାୟରେ ଉପସ୍ଥାପନ କରାଯିବା ବିଧେୟ। **କମ୍ୟୁନିକେସନ୍ ମଡେଲ୍** ବା **ଯୋଗାଯୋଗ ନମୁନା** ଏହି ସରଳତାର ପ୍ରତିନିଧିତ୍ୱ କରେ।

ଗୋଟିଏ ନମୁନା ହେଉଛି ବାସ୍ତବ ଦୁନିଆର ପ୍ରକ୍ରିୟାର କାଳ୍ପନିକ ଅଧିକ ଢଙ୍ଗର ଉପସ୍ଥାପନା ଯାହାକୁ ବିଭିନ୍ନ ସମୟରେ ବିଭିନ୍ନ ରୂପରେ ବ୍ୟବହାର କରାଯାଇପାରିବ।

**କମ୍ୟୁନିକେସନ୍ ମଡେଲ୍** ବା **ଯୋଗାଯୋଗ ନମୁନା**ଗୁଡ଼ିକ ହେଉଛନ୍ତି କେବଳ ଚିତ୍ର। ଏପରିକି ସେଗୁଡ଼ିକ ବିକୃତ ହୋଇପାରନ୍ତି କାରଣ ସେଗୁଡ଼ିକ ମୁଖ୍ୟତଃ ଏକ ପରିବର୍ତ୍ତନଶୀଳ ବା ଗତିଶୀଳ ପ୍ରକ୍ରିୟାକୁ ରୋକି ଏକ ସ୍ଥିରଚିତ୍ରରେ ପରିଣତ କରି ଦେଇ ପାରନ୍ତି। **ନମୁନା**ଗୁଡ଼ିକର ପ୍ରକୃତି ହେଲା ସାଙ୍କେତିକ କାରଣ ସେମାନେ ଗୋଟିଏ ବସ୍ତୁକୁ ଅନ୍ୟ ରୂପରେ ଦେଖିବାର ସୁଯୋଗ ଦେଇଥାନ୍ତି।

**କମ୍ୟୁନିକେସନ୍ ମଡେଲ୍** ର ୪ଟି ସାଧାରଣ କାର୍ଯ୍ୟ ହେଲା ନମୁନା ଗୁଡ଼ିକ ବିଭିନ୍ନ ଉପାଦାନକୁ ସଙ୍ଗଠିତ କରନ୍ତି ଏବଂ ଯୋଗାଯୋଗ ପ୍ରକ୍ରିୟା ଏକ ଅର୍ଥପୂର୍ଣ୍ଣ ଓ ଆକର୍ଷଣୀୟ ଉପାୟରେ କାର୍ଯ୍ୟ କରିଥାଏ। ଦ୍ୱିତୀୟରେ, ସେଗୁଡ଼ିକ ଯୋଗାଯୋଗ ସଂପର୍କରେ ନୂତନ ତଥ୍ୟ ଜାଣିବାରେ ସହାୟକ ହୋଇଥାନ୍ତି। ଏହା ଗବେଷଣା ପାଇଁ ପ୍ରଶ୍ନ ସୃଷ୍ଟି କରେ। ତୃତୀୟରେ, ଏସବୁ ଆମକୁ ଯୋଗାଯୋଗ ସହ ସଂପୃକ୍ତ ସମ୍ଭାବନାର ପୂର୍ବାନୁମାନ ଯଥା:- ନିର୍ଦ୍ଦିଷ୍ଟ ପରିସ୍ଥିତିରେ କ'ଣ ଘଟିପାରେ, ତାହା ପୂର୍ବାନୁମାନ କରିବାରେ ସହାୟକ ହୋଇଥାନ୍ତି। ଚତୁର୍ଥରେ, ନମୁନା ଗୁଡ଼ିକ ମଧ୍ୟ ଯୋଗାଯୋଗ ସହ ଜଡ଼ିତ ପ୍ରକ୍ରିୟା ଓ ଉପାଦାନଗୁଡ଼ିକୁ ମାପିବାର ଉପାୟ ଯୋଗାଇ ଦେଇପାରେ।

## ୧.୬: ଯୋଗାଯୋଗ ନମୁନାର ବର୍ଗୀକରଣ

**କମ୍ୟୁନିକେସନ୍ ମଡେଲ୍** ବା **ଯୋଗାଯୋଗ ନମୁନା**ଗୁଡ଼ିକର ରୂପ, ଆମେ ଯୋଗାଯୋଗ ପ୍ରକ୍ରିୟାକୁ କିପରି ସଂଜ୍ଞାପ୍ରଦାନ କରୁ ଓ ବୁଝୁ ଏବଂ ବିଭିନ୍ନ ପ୍ରକାରର ଯୋଗାଯୋଗରେ ସେଗୁଡ଼ିକ କିପରି ବ୍ୟବହାରଯୋଗ୍ୟ, ତା'ଉପରେ ନିର୍ଭର କରେ। **ଯୋଗାଯୋଗ ନମୁନା**ଗୁଡ଼ିକୁ ମଡେଲ୍‌ର **ଷ୍ଟେଜେସ୍, ଟାଇପ୍ସ ଓ ଫର୍ମ** ବା ପର୍ଯ୍ୟାୟ, ପ୍ରକାର ଓ ରୂପ ଏହିପରି ୩ ଭାଗରେ ବର୍ଗୀକରଣ କରାଯାଇଛି। **କମ୍ୟୁନିକେସନ୍ ମଡେଲ୍** ବା **ଯୋଗାଯୋଗ ନମୁନା** ବିକାଶର ୪ଟି ପର୍ଯ୍ୟାୟ ରହିଛି: **ଲିନିୟର୍**/ରୈଖୀକ ଓ **ନନ୍-ଲିନିୟର୍**/ଅଣ-ରୈଖୀକ।

ଏଗୁଡ଼ିକୁ ବିଭିନ୍ନ ନମୁନା ଯଥା:-**ସାଙ୍କେତିକ ନମୁନା, ଭୌତିକ ନମୁନା, ମାନସିକ ନମୁନା**, **ବାଚନିକ ନମୁନା, ଆଇକନିକ୍ ନମୁନା, ଆନାଲଗ୍ ମଡେଲ୍ ଓ ଗାଣିତିକ ନମୁନା** ଜରିଆରେ ଉପସ୍ଥାପିତ କରିହେବ। **ଭର୍ବାଲ୍ ନମୁନା** ବା ମୌଖିକ ନମୁନାଗୁଡ଼ିକ ଶବ୍ଦରେ ଯାହା ପ୍ରକାଶ କରନ୍ତି **ଗ୍ରାଫିକ୍ ମଡେଲ୍**ଗୁଡ଼ିକ ତାହାକୁ **ସ୍କିମାଟିକ୍**/ସଂଯୋଜିତ ଭାବେ ପ୍ରକାଶ କରନ୍ତି।

ଯୋଗାଯୋଗର ଗ୍ରାଫିକ୍ ନମୁନାଗୁଡ଼ିକ ହେଉଛି:-

- ଗର୍ବନର୍‌ସଙ୍କ **ଜେନେରାଲ୍ ମଡେଲ୍ କମ୍ୟୁନିକସେନ୍**/ସାଧାରଣ ଯୋଗାଯୋଗ ନମୁନା
- ଓ୍ୱେଷ୍ଟ୍‌ଲି ଓ ମ୍ୟାକ୍‌ଲିନ୍‌ଙ୍କ **ଏବିସି ମାସ୍ କମ୍ୟୁନିକସେନ୍ ନମୁନା**/ଏବିସି ଗଣଯୋଗାଯୋଗ ନମୁନା
- ବିଭିନ୍ନ ସ୍ୱରୂପର ମିଶ୍ରଣ ପାଇଁ ଡିଫ୍ଲୁର୍ସଙ୍କ ଦ୍ୱାରା ସାନନ୍ ଓ ଓ୍ୱିଭର୍‌ଙ୍କ ନମୁନା ଓ ଭୋରାଙ୍କ ନମୁନାର ସଂପ୍ରସାରଣ।
- ଆଇକନିକ୍ ନମୁନାଗୁଡ଼ିକ ହେଲା ଫଟୋଗ୍ରାଫ୍, କୌଣସି ବ୍ୟକ୍ତି, ବସ୍ତୁ ବା ଦୃଶ୍ୟର ପ୍ରତିମୂର୍ତ୍ତି ଓ ଅଙ୍କିତ ଚିତ୍ର।
- ଆନାଲଗ୍ ନମୁନାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ବିଷୟ ସହିତ ପ୍ରମାଣଯୋଗ୍ୟ ସଂରଚନାତ୍ମକ ସଂପର୍କ ଥାଏ କିନ୍ତୁ ସେଗୁଡ଼ିକ ସେହିଭଳି ଦେଖା ଯାଆନ୍ତି ନାହିଁ। କମ୍ପ୍ୟୁଟର୍‌କୁ ମାନବ ମସ୍ତିଷ୍କର ଆନାଲଗ୍ ନମୁନା ରୂପେ ବର୍ଣ୍ଣନା କରାଯାଇପାରେ।

- **କମ୍ୟୁନିକେସନ୍ ନେଟୱାର୍କ** ବା ଯୋଗାଯୋଗ ନେଟୱାର୍କ ଏବଂ ସୂଚନା ପ୍ରକ୍ରିୟାକରଣର ପରିସଂଖ୍ୟାନ ଆଧାରିତ ରୂପରେଖର ବିଶ୍ଳେଷଣବେଳେ କେବଳ ଗ୍ରାଫ୍ ସିଦ୍ଧାନ୍ତ ଛଡ଼ା ଯୋଗାଯୋଗ କ୍ଷେତ୍ରରେ ଗାଣିତିକ ନମୁନାଗୁଡ଼ିକ ବିଶେଷ ନଜରରେ ପଡ଼ନ୍ତି ନାହିଁ।




ଏହା ନମୁନାଗୁଡ଼ିକର **ଟାକ୍ସୋନୋମି** ବା ବର୍ଗୀକରଣକୁ ଉପସ୍ଥାପିତ କରେ। ଯୋଗାଯୋଗ କ୍ଷେତ୍ରରେ ଆମେ **ସିମ୍ବଲିକ୍ ନମୁନା** ସଂସ୍ପର୍ଶରେ ଆସିଥାଉ ଯାହା ଭିତରେ ଭର୍ବାଲ୍ **ନମୁନା** ଓ ମାଥମେଟିକାଲ୍ **ନମୁନା** ସାମିଲ ହୋଇ ରହିଥାଏ। **ଫିଜିକାଲ୍ ନମୁନା** ଭିତରେ ଆଇକନିକ୍ ନମୁନା ଓ ଆନାଲଗ୍ ନମୁନା ଅନ୍ତର୍ଭୁକ୍ତ। ଭର୍ବାଲ୍ ନମୁନା ମୂଳତଃ ଶବ୍ଦରେ ପ୍ରକାଶିତ ସିଦ୍ଧାନ୍ତ ବା ମତବାଦ। ଭର୍ବାଲ୍ ନମୁନାର ଉଦାହରଣଗୁଡ଼ିକ ହେଲା ଗର୍ବନର୍‌ସଙ୍କ ନମୁନା, ଏସ୍‌ଏମ୍‌ସିଆର୍ ନମୁନା ଓ ଲାସ୍‌ୱେଲ୍‌ଙ୍କ ନମୁନା। କିନ୍ତୁ ସାନନ୍ ୱିଭର୍‌ଙ୍କ ନମୁନା ହେଉଛି ଏକ ମାଥମେଟିକାଲ୍ ନମୁନା / ଗାଣିତିକ ନମୁନା। ମାଥମେଟିକାଲ୍ ମଡେଲ୍‌ରେ ଗ୍ରାଫ୍ ସିଦ୍ଧାନ୍ତ, ପରିସଂଖ୍ୟାନ ରୂପରେଖ, ଯୋଗାଯୋଗ ନେଟୱାର୍କ ଓ ସୂଚନାର ପ୍ରକ୍ରିୟାକରଣ ବ୍ୟବସ୍ଥା ପ୍ରକାଶିତ ହୋଇଥାଏ।

ପରବର୍ତ୍ତୀ ୟୁନିଟ୍ ଗୁଡ଼ିକରେ ଆମେ ଏହି ସବୁ ମଡେଲ୍‌ଗୁଡ଼ିକ ବିଷୟରେ ବିଶଦ ଭାବେ ଜାଣିବା।

**କମ୍ୟୁନିକେସନ୍ ସିଦ୍ଧାନ୍ତ** ବା **ଯୋଗାଯୋଗ ମତବାଦ** ଗୁଡ଼ିକ ଗାଣିତିକ ସଙ୍କେତ ମାଧ୍ୟମରେ ପ୍ରକାଶିତ ହୋଇ ନଥାଏ।

**କମ୍ୟୁନିକେସନ୍ ସିଷ୍ଟମ୍** ବା **ଯୋଗାଯୋଗ ବ୍ୟବସ୍ଥା**ରେ **ଦୁଇଟି** ସାଧାରଣ ମଡେଲ୍ ଥାଏ- **ମିଡିଆ ସିଷ୍ଟମ୍** ଓ **ଓରାଲ୍ ସିଷ୍ଟମ୍**। **ମିଡିଆ ସିଷ୍ଟମ୍**ରେ ସୂଚନା ପ୍ରବାହ ଗଣମାଧ୍ୟମର ବିଭିନ୍ନ ମାଧ୍ୟମ/ଚ୍ୟାନେଲ୍ ଯଥା:-

ଛାପା ମାଧ୍ୟମ, ରେଡିଓ, ଟେଲିଭିଜନ, ସିନେମା, ଭିଡିଓ ଓ ଟେଲିଯୋଗାଯୋଗ ଆଦି ଜରିଆରେ ପ୍ରସାରଣ ପାଇଁ ପେଷାଦାର ଯୋଗାଯୋଗ ଦ୍ୱାରା ସକ୍ରିୟ ହୋଇଥାଏ।

ବାର୍ତ୍ତାଗୁଡ଼ିକ ବର୍ଣ୍ଣନାତ୍ମକ ଓ ଅଣ-ବ୍ୟକ୍ତିଗତ। କିନ୍ତୁ ଓରାଲ୍ ସିଷ୍ଟମ୍‌ରେ ବାର୍ତ୍ତାଗୁଡ଼ିକ ସାମାଜିକ ବ୍ୟବସ୍ଥା ଦ୍ୱାରା ଅଧିକୃତ ଉତ୍ସରୁ ବାହାରିବା ସହ ପଏଣ୍ଟ୍ ଟୁ ପଏଣ୍ଟ୍/ ସଂକ୍ଷିପ୍ତ ହୋଇଥାଏ। ଯେତେବେଳେ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଯୋଗାଯୋଗ ହୁଏ ଅଣ-ବ୍ୟକ୍ତିଗତ ମାଧ୍ୟମଗୁଡ଼ିକ ବ୍ୟକ୍ତିଗତ ହୋଇପାରେ।

## ୧.୭: ଯୋଗାଯୋଗର ରୈଖିକ ଓ ଅଣ ରୈଖିକ ନମୁନା

ଏହା ହେଉଛି ନମୁନା ଗୁଡ଼ିକର ଦ୍ୱିତୀୟ ବର୍ଗୀକରଣ। **ମିଡିଆ ସିଷ୍ଟମ୍** ଓ **ଓରାଲ୍ ସିଷ୍ଟମ୍‌ର** ମଡେଲ୍‌ଗୁଡ଼ିକୁ ପୁଣି ଦୁଇ ଭାଗ ଯଥା:- ଲିନିୟର୍ ଓ ନନ୍-ଲିନିୟର୍ ମଡେଲ୍ ରୂପେ ବର୍ଗୀକୃତ କରାଯାଏ। ଲିନିୟର୍ ମଡେଲ୍ ହେଉଛି ଗୋଟିଏ ଏକମୁଖୀ ମଡେଲ୍ ଯେଉଁଥିରେ ବକ୍ତାଠାରୁ ଅଡିଏନ୍‌ସକୁ ବାର୍ତ୍ତାର ପ୍ରବାହ ପ୍ରଭାବଯୁକ୍ତ ବା ପ୍ରଭାବହୀନ ରୂପେ ଚିତ୍ରିତ ହୋଇଥାଏ। ଏହି ମଡେଲ୍‌ଗୁଡ଼ିକର ପ୍ରକୃତି ଉଭୟ ସମାନ୍ତରାଳ ଓ ଭୂଲମ୍ବୀ ହୋଇଥାଏ। ନନ୍-ଲିନିୟର୍ ମଡେଲ୍ ବାର୍ତ୍ତାର ପ୍ରବାହ ଦ୍ୱିମୁଖୀ ବା ବହୁମୁଖୀ ହୋଇଥାଏ। ଏହି ମଡେଲ୍‌ଗୁଡ଼ିକ ଗୋଲାକାର ଓ କନଭର୍ଜେନ୍‌ସ ମଡେଲ୍।

ଯୋଗାଯୋଗର ପ୍ରାରମ୍ଭିକ ମଡେଲ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ **ଲିନିୟର୍** ବା ସରଳରୈଖୀୟ ନମୁନା ଥିଲା। ସେଗୁଡ଼ିକ ମୂଳଭିତ୍ତି ପକାଇଥିବା ମଡେଲ୍ ଥିଲା ଯେଉଁଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଧାରଣା ଦେଇଥିଲା ଯାହା ପରବର୍ତ୍ତୀ ସମୟରେ ନନ୍-ଲିନିୟର୍, ଇଣ୍ଟରାକ୍ସନ୍, ଟ୍ରାନ୍‌ଜାକ୍‌ସନ୍ ଓ କନଭର୍ଜେନ୍‌ସ ନମୁନାକୁ ରୂପାନ୍ତରିତ ହୋଇଥିଲା।

ଯୋଗାଯୋଗର **ଲିନିୟର୍** ବା ସରଳରୈଖୀୟ ମଡେଲ୍ ଗୁଡ଼ିକ ଉପାଦେୟ ହେବା ସହିତ ପରୀକ୍ଷା ନିରୀକ୍ଷା ପାଇଁ ସୃଷ୍ଟି କରାଯାଇଥିଲା, ଯେଉଁଗୁଡ଼ିକ ମୁଖ୍ୟତଃ ପ୍ରଚାର (ପ୍ରୋପାଗଣ୍ଡା) ଓ ଗଣପ୍ରଭାବ ସୃଷ୍ଟି (ମାସ୍ ପର୍ସୁଏସନ୍)ର ଅନୁଧ୍ୟାନ ପାଇଁ ମୂଳଦୁଆ ସାଜିଥିଲା। ଏହି ମଡେଲ୍ ଗୁଡ଼ିକ ଯୋଗାଯୋଗ ପ୍ରକ୍ରିୟା ବିଷୟରେ ବର୍ଣ୍ଣନା ନକରି ଏକ ସରଳ ଯୋଗାଯୋଗ କାର୍ଯ୍ୟର ବର୍ଣ୍ଣନା କରିଥିଲା। ଯଦିଓ ୬୦ ଦଶକରେ, **ବେର୍ଲୋ,** ଯୋଗାଯୋଗକୁ ଯୋଗାଯୋଗ ପ୍ରକ୍ରିୟା ମାଧ୍ୟମରେ ବର୍ଣ୍ଣନା କରିଥିଲେ, ପରବର୍ତ୍ତୀ ଗବେଷଣାରେ ସେ ଏହି ଧାରଣାକୁ ଆଗକୁ ବଢାଇ ନଥିଲେ। ବାସ୍ତବରେ **ବେର୍ଲୋ,** ୧୯୭୭ରେ ସ୍ୱୀକାର କରିଥିଲେ ଯେ, ଏସ୍‌ଏମ୍‌ସିଆର୍‌କୁ ଯୋଗାଯୋଗର ଏକ ମଡେଲ୍ ରୂପେ ଚିନ୍ତା କରା ଯାଇ ନଥିଲା ବରଂ ଏହା ଯୋଗାଯୋଗ ସଂପର୍କର ଧାରଣାକୁ ମନେ ପକାଇବା ପାଇଁ ଏକ **ଅଡିଓଭିଜୁଆଲ ଏଡ୍**/ ଦୃଶ୍ୟଶ୍ରାବ୍ୟ ସହାୟକ ରୂପେ ବିକଶିତ ହେଇଥିଲା।

**ନନ୍-ଲିନିୟର୍** ବା ଅଣ-ସରଳରୈଖୀୟ ମଡେଲ୍‌ଗୁଡ଼ିକ **ସାଇବରନେଟିକ୍** ନିୟମ ପାଳନ କରିଥାନ୍ତି। **ସାଇବରନେଟିକ୍** ଅବଧାରଣାର ୪ଟି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା **–ଇନଫର୍ମେସନ୍/ସୂଚନା, ଫିଡ୍‌ବ୍ୟାକ୍/ମତାମତ**, ନେଟ୍‌ୱାର୍କ ଓ ଉଦ୍ଦେଶ୍ୟର **ଧାରଣା।** ମାନବୀୟ ଯୋଗାଯୋଗକୁ ଭାବବିନିମୟର ବିଶ୍ଳେଷଣାତ୍ମକ ଧାରଣା, ଆତ୍ମସୃଜନ ଓ ସୂଚନାର ପାରସ୍ପରିକ ଆଦାନପ୍ରଦାନ ଭଳି ନନ୍- **ଲିନିୟର୍** ବା ଅଣ-ସରଳରୈଖୀୟ ମଡେଲ୍ ଜରିଆରେ ବୁଝାଯାଏ।

**ଡଏଚ୍ କାର୍ଲ** (୧୯୬୮) ମତ ଦେଲେ ଯେ, ମାନବୀୟ ବ୍ୟବସ୍ଥାଗୁଡ଼ିକ ଯାନ୍ତ୍ରିକ ସୂଚନା ବା ମାଧ୍ୟମ ଦ୍ୱାରା ସଂଯୁକ୍ତ ବା ସଂଯୋଜିତ ହୋଇ ନଥାଏ। ସୂଚନା ଆଦାନପ୍ରଦାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ରୂପ ହେଉଛି ଗୋଷ୍ଠୀବଦ୍ଧତା (**ନେଟୱାର୍କ ଅଫ୍ ସର୍କିଟ୍ସ**), ଯାହା ଦ୍ୱାରା ବ୍ୟବସ୍ଥା ଭିତରେ ଥିବା ବ୍ୟକ୍ତିମାନେ ପାରସ୍ପରିକ ଭାବେ ଯୋଡ଼ି ହୋଇଥାଆନ୍ତି। **ସର୍କିଟ୍** ହେଉଛି ଫିଡ୍‌ବ୍ୟାକ୍ ବା ମତାଉତ୍ତର ସୁଯୋଗ ଲାଗି ଅପରିହାର୍ଯ୍ୟ ଦ୍ୱିମୁଖୀ ସୂଚନା ବିନିମୟର ଏକ ବୃତ୍ତାକାର **ଲୁପ୍**।

ଫିଡ୍‌ବ୍ୟାକ୍ ବା ମତାମତ, ସୂଚନା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଥାଏ ଏବଂ ଏହାଦ୍ୱାରା ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥାଏ। ହୋଇଥାଏ।

ଆକ୍ସନ୍ ନମୁନାଗୁଡ଼ିକ ପ୍ରେରକ-ଆଧାରିତ। ଇଚ୍ଛା କରିଥିବା ଫଳାଫଳ ପାଇବା ପାଇଁ ପ୍ରେରକ କିପରି ବାର୍ତ୍ତାକୁ ଗଠନ କରିବା ଆବଶ୍ୟକ ତା'ଉପରେ ଏହା ପ୍ରାଧାନ୍ୟ ଦେଇଥାଏ। ପ୍ରସାରଣ କରିବା ଓ ଶ୍ରୋତାମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରେରକ କିପରି ଅଭିନୟ ଓ ଉଚ୍ଚାରଣ କରିବ। ଆକ୍ସନ୍ ନମୁନାଗୁଡ଼ିକ ମିଡିଆ ଚ୍ୟାନେଲ୍‌ରେ କାମ ଦେଇପାରେ କିନ୍ତୁ ସେଗୁଡ଼ିକ ଆନ୍ତଃବ୍ୟକ୍ତିଗତ ଯୋଗାଯୋଗରେ କାମ ଦେଇନଥାଏ। ଯଦି ପ୍ରସାରଣ ପାଇଁ ବାର୍ତ୍ତାକୁ ଉତ୍ସ ଠିକ୍ ରୂପେ ଗଠନ କରିନଥାଏ କିମ୍ବା ଶ୍ରୋତାମାନେ ଠିକ୍ ରୂପେ ଶୁଣନ୍ତି ନାହିଁ କିମ୍ବା ସେମାନଙ୍କ ନିଜସ୍ୱ ଭାବନାକୁ ବାର୍ତ୍ତାରେ ଯୋଗ କରନ୍ତି ତେବେ **ମିସ୍‌କମ୍ୟୁନିକେସନ୍** ବା ଭୁଲ୍ ଯୋଗାଯୋଗର ଆଶଙ୍କା ଥାଏ। ଆକ୍ସନ୍ ମଡେଲ ହେଉଛି ଉଭୟ ଶୁଣିବା ଓ କହିବା ପାଇଁ ଏକ **ଇଂପ୍ଲିସିଟ୍ ମଡେଲ୍** ବା ଭିତିରି ଅର୍ଥବିଶିଷ୍ଟ ନମୁନା।

## ୧.୮: ନମୁନାଗୁଡିକର ଉପାଦେୟତା

କମ୍ୟୁନିକେସନ୍ ସିଦ୍ଧାନ୍ତରେ ମଡେଲ୍‌ଗୁଡ଼ିକ କିପରି ଉପାଦେୟ ହୋଇଥାନ୍ତି, ଏ ସଂପର୍କରେ ପଢିବା:

୧. **ପ୍ରଶ୍ନ ପଚାରିବା**- ମର୍ଟନସେନ୍ ମତ ଦିଅନ୍ତି, 'ପ୍ରଶ୍ନ ପଚାରିବା ଓ ମୋଟାମୋଟି ଧାରଣାର ଅର୍ଥ ବାହାରିବା ଭଳି ସାଧାରଣ ଦୃଷ୍ଟିଭଙ୍ଗୀ ସହିତ ନିର୍ଦ୍ଦିଷ୍ଟ ଚିନ୍ତନ ବିନ୍ଦୁ ପ୍ରଦାନ କରୁଥିଲେ ଗୋଟିଏ ଭଲ ମଡେଲ୍ ଉପାଦେୟ ହୋଇଥାଏ। ବିଷୟବସ୍ତୁ ଯେତେ ଅଧିକ ଜଟିଳ ହୋଇଥାଏ - ପ୍ରାକୃତିକ ପରିସୀମା ଯେତିକି **ଆମୋରଫସ୍** ବା ସୀମାହୀନ ଏବଂ ଅପହଞ୍ଚ ହୋଇଥାଏ-ମଡେଲ୍ ନିର୍ମାଣ କରିବାର ସମ୍ଭାବ୍ୟ ପୁରସ୍କାର ସେତେ ବୃହତ ହୋଇଥାଏ'।

୨. **ଜଟିଳତାର ସରଳୀକରଣ**- ଜଟିଳ ଘଟଣାର ଗଠନକୁ ସ୍ପଷ୍ଟ କରିବାରେ ମଡେଲ୍ ସାହାଯ୍ୟ କରିଥାଏ। **ଚାପାନିସ୍** (୧୯୬୧)ଙ୍କ ମତରେ ଜଟିଳତା କମାଇ ସରଳ ଓ ବୋଧଗମ୍ୟ କରିବା ଦ୍ୱାରା ଏହା କରା ଯାଇଥାଏ। ତେଣୁ ଗୋଟିଏ ମଡେଲ୍‌ର ଉଦ୍ଦେଶ୍ୟ ଜଟିଳତାକୁ ଅଣଦେଖା କରିବା ବା ଏହାକୁ ବୁଝାଇବା ନୁହେଁ ବରଂ ଏହାର ଉଦ୍ଦେଶ୍ୟ ହେଉଛି ଏହାକୁ କ୍ରମାନୁଯାୟୀ ବ୍ୟବସ୍ଥିତ କରିବା।

୩. **ହ୍ୟୁରିଷ୍ଟିକ୍ ଭାଲ୍ୟୁ** ବା ଅନ୍ତଦୃଷ୍ଟିମୂଳକ ମୂଲ୍ୟବୋଧ- ମଡେଲ୍‌ଗୁଡ଼ିକ ହାଇପୋଥେଟିକ୍ ବା କାଳ୍ପନିକ ଧାରଣା ପ୍ରଦାନ କରିଥାନ୍ତି। ସେମାନେ ମଧ୍ୟ ବିଭିନ୍ନ ସିଦ୍ଧାନ୍ତ ମଧ୍ୟରେ ସମ୍ପର୍କକୁ ଯୋଡ଼ିବା ଦ୍ୱାରା ନୂତନ ଅନ୍ତର୍ଦୃଷ୍ଟି ଓ ନିଷ୍କର୍ଷ ସୃଷ୍ଟି ହୋଇଥାଏ।

## ୧.୮: ନମୁନାଗୁଡିକର ଦୁର୍ବଳତା

୧. ଅଧିକ ସରଳୀକରଣର ଭୁଲ୍- କମ୍ୟୁନିକେସନ୍ ମଡେଲ୍ ବା ଯୋଗାଯୋଗ ନମୁନାର ନିର୍ମାଣର ଅନେକ ଗବେଷଣା ମାନବୀୟ ବ୍ୟାପାରର କୌଣସି ପ୍ରସଙ୍ଗ ସଂଜ୍ଞାରେ ସୀମାବଦ୍ଧ ହେବାବେଳେ ବାରମ୍ବାର ବଦଳୁଥିବା କଥାଟିକୁ ଦୋହରାଇଥାନ୍ତି।

୨. ଯୁଗୋପଯୋଗିତା ହରାଇବା ଆଶଙ୍କା- ତୁଳନାର ଅନେକ ଗୁରୁତ୍ୱପୂର୍ଣ୍ଣ କଥାକୁ ମଡେଲଗୁଡ଼ିକ ଛାଡ଼ି ଯାଇ ପାରନ୍ତି। **ଚାପାନିସ୍** (୧୯୬୧)ଙ୍କ ମତରେ 'ମଡେଲ୍‌ରେ ଏକ ନିର୍ଦ୍ଦିଷ୍ଟ ପରିମାଣର **ସ୍ଲପ୍** ବା କ୍ଷୟ/ବ୍ୟତିକ୍ରମ ଗ୍ରହଣୀୟ'।

୩. ମଡେଲ୍ ଓ ଏଥିରେ ପ୍ରଦର୍ଶିତ ଆଚରଣ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ- ମର୍ଟନସେନ୍‌ଙ୍କ ମତରେ 'ସମାଲୋଚକମାନେ ଅଭିଯୋଗ କରନ୍ତି ଯେ ମଡେଲ୍‌ଗୁଡ଼ିକ ସହଜରେ ବାସ୍ତବତାର ଭ୍ରମ ସୃଷ୍ଟି କରିପାରେ। ସାଧାରଣତଃ, କୌଣସି ଅଜଣା ଅଞ୍ଚଳ ଅନ୍ୱେଷଣର ପ୍ରାରମ୍ଭିକ ସମୟରେ ଏହି ସମସ୍ୟା ଆରମ୍ଭ ହୋଇଥାଏ .. ପରେ ଏହା ବଦଳରେ ମଡେଲ୍‌ଟି କାମ କରିବା ଆରମ୍ଭ କରେ.. ଆକ୍ଷରିକ ଭାବେ ଆମେ ମାନଚିତ୍ରକୁ ନେଇ ପାରିବା। ସବୁଠୁ ଖରାପ କଥା ହେଲା, କ୍ଷୁଦ୍ରରୂପରେ ପ୍ରକାଶ ପାଇଁ ମାନଚିତ୍ର ତିଆରି ହୋଇଥିବାବେଳେ, ଅନିଶ୍ଚିତତା ବଦଳରେ ଅଜ୍ଞାନତା ବଢିଥାଏ। ସାଧାରଣ ସିମାଣ୍ଟିସିଷ୍ଟଙ୍କ ସମାଲୋଚନା 'ମାନଚିତ୍ରଟି ପ୍ରକୃତ ଅଞ୍ଚଳ ନୁହେଁ'ର ଏହା ଏକ ଉଚ୍ଚାଙ୍ଗ ରୂପାନ୍ତର ମାତ୍ର।

୪. ଆଗୁଆ ବନ୍ଦ ହୋଇଯିବା- ମଡେଲ୍‌ର ପ୍ରସ୍ତୁତକର୍ତ୍ତା ଅଧିକ ସରଳୀକରଣ ଓ ମାନଚିତ୍ର-ପଠନର ବିପଦକୁ ଏଡାଇ ଯାଇପାରନ୍ତି କିନ୍ତୁ ଅନ୍ୟ ଆଭ୍ୟନ୍ତରୀଣ ପରିକଳ୍ପନାରେ ବୁଡ଼ି ଯାଇ ପାରନ୍ତି। ଏନ ନିଷ୍କର୍ଷ ପ୍ରାପ୍ତି ପାଇଁ ବାଧ୍ୟ କରିବା ଅର୍ଥ ହେଉଛି ମଡେଲ୍‌ଟି ହାଇପୋଥେସିସ୍ ରୂପେ ଯଥାର୍ଥତା ପ୍ରତିପାଦନ ନ କରି ଏହାର ପରସମାପ୍ତି ଲୋଡ଼ିବା।

## ୧.୧୦: ଆସ ପ୍ରଗତି ମାପିବା

୧. ଯୋଗାଯୋଗ କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

୨. ଯୋଗାଯୋଗ ନମୁନା ସଂପର୍କରେ ଆଲୋଚନା କର । ଏହାର ଗୁରୁତ୍ୱ କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

୩. ବିଭିନ୍ନ ପ୍ରକାରର ଯୋଗାଯୋଗ ନମୁନା ସଂପର୍କରେ ଆଲୋଚନା କର ।

---------------------------------------------------------------------------

---------------------------------------------------------------------------

-------------------------------------------

୪. ଯୋଗାଯୋଗ ବ୍ୟବସ୍ଥାର ୨ଟି ସାଧାରଣ ନମୁନା କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

୫. ଯୋଗାଯୋଗର ଲିନିୟର୍/ରୈଖୀୟ ଓ ନନ୍-ଲିନିୟର୍/ଅଣ-ରୈଖୀୟ ନମୁନା କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

୬. ଯୋଗାଯୋଗ ନମୁନାର ଉପାଦେୟତାଗୁଡ଼ିକ କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

୭. ଯୋଗାଯୋଗ ନମୁନାର ଦୁର୍ବଳତାଗୁଡ଼ିକ କ'ଣ ?

---------------------------------------------------------------------------

---------------------------------------------------------------------------

-------------------------------------------

## ୟୁନିଟ୍ – ୨: ଯୋଗାଯୋଗ ନମୁନା: ଆରିଷ୍ଟୋଟଲ୍ଙ୍କ ନମୁନା, ଲାସ୍‌ୱେଲ୍ଙ୍କ ନମୁନା, ଓସ୍‌ଗୁଡ୍‌ଙ୍କ ନମୁନା, ସ୍କ୍ରାମ୍‌ଙ୍କ ନମୁନା ଓ ଗର୍ବନର୍‌ଙ୍କ ନମୁନା


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଆରିଷ୍ଟୋଟଲ୍ଙ୍କ ଯୋଗାଯୋଗ ନମୁନା

୨.୪: ଲାସ୍‌ୱେଲ୍ଙ୍କ ନମୁନା

୨.୪.୧: ଲାସ୍‌ୱେଲ୍ଙ୍କ ନମୁନାର ଉପାଦେୟତା

୨.୪.୨: ଲାସ୍‌ୱେଲ୍ଙ୍କ ନମୁନାର ଦୁର୍ବଳତା

୨.୫: ଓସ୍‌ଗୁଡ଼-ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନା

୨.୫.୧: ସ୍କ୍ରାମ୍‌ଙ୍କ ନମୁନାର ବିଭିନ୍ନ ଉପାଦାନ

୨.୫.୨: ସ୍କ୍ରାମ୍‌ଙ୍କ ନମୁନାର କାର୍ଯ୍ୟକାରୀତା

୨.୫.୩: ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନାର ସ୍ୱରୂପ

୨.୫.୪: ଅଭିଜ୍ଞତା କ୍ଷେତ୍ର

୨.୫.୫: ଓସ୍‌ଗୁଡ଼-ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନା ଉପାଦେୟତା

୨.୬: ଗର୍ବନର୍‌ଙ୍କ ନମୁନା

୨.୬.୧: ଗର୍ବନର୍‌ଙ୍କ ଯୋଗାଯୋଗ ନମୁନାର ସ୍ୱରୂପ

୨.୭: ଆସ ପ୍ରଗତି ମାପିବା


### ୨.୧: ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ଆମେ ଯୋଗାଯୋଗର କେତେକ ପ୍ରାରମ୍ଭିକ ନମୁନାଗୁଡ଼ିକ ସଂପର୍କରେ ପଢିବା। ଏହି ଅଧ୍ୟାୟ ଶେଷ କରିବା ପରେ ଆମେ ଯୋଗାଯୋଗର ଆରିଷ୍ଟୋଟଲ୍ଙ୍କ ନମୁନା, ଲାସ୍‌ୱେଲ୍ଙ୍କ ନମୁନା, ଓସ୍‌ଗୁଡ଼ ଓ ସ୍କ୍ରାମ୍‌ଙ୍କ ନମୁନା, ଗର୍ବନର୍‌ଙ୍କ ନମୁନା ପଛରେ ଥିବା ଅବଧାରଣାଗୁଡ଼ିକୁ ଜାଣିବା।

### ୨.୨: ବିଷୟ ପରିଚୟ

ଆଧୁନିକ ଯୋଗାଯୋଗର ଅନେକ ନୂଆ ନମୁନା ଅଛି ଯେଉଁଗୁଡ଼ିକ ପ୍ରାରମ୍ଭିକ ନମୁନାକୁ ଆଧାର କରି ପରେ ବିକଶିତ ହୋଇଛନ୍ତି।

## ୨.୩: ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ନମୁନା

ମହାନ ଦାର୍ଶନିକ ଆରିଷ୍ଟୋଟଲ୍ ଗଣଯୋଗାଯୋଗର ପ୍ରଥମ ମଡେଲ୍ ବା ନମୁନାର ପରିକଳ୍ପନା କରିଥିଲେ, ଏହାକୁ ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ମଡେଲ୍/ନମୁନା ବୋଲି କୁହାଯାଏ। ଖ୍ରୀଷ୍ଟପୂର୍ବ ୩୦୦ ପୂର୍ବରୁ ସେ ଏହି ନମୁନାର ପରିକଳ୍ପନା କରିଥିଲେ। ତାଙ୍କର ଯୋଗାଯୋଗ ନମୁନାରେ ଆରିଷ୍ଟୋଟଲ୍ ଯୋଗାଯୋଗରେ ଅଡିଏନ୍‌ସ ବା ପାଠକ-ଦର୍ଶକ-ଶ୍ରୋତାଙ୍କ ଭୂମିକା ଉପରେ ଅଧିକ ଜୋର୍ ଦେଇଥିଲେ। ଏହି ନମୁନାଟି ଆନ୍ତଃବ୍ୟକ୍ତିଗତ ଯୋଗାଯୋଗ ଠାରୁ ସର୍ବସାଧାରଣ ଅଭିଭାଷଣ ଉପରେ ଅଧିକ ଧ୍ୟାନ ଦେଇଥାଏ। ତାଙ୍କୁ ଯୋଗାଯୋଗ ପ୍ରକ୍ରିୟା ସମ୍ବନ୍ଧିତ ପ୍ରଥମ ଗବେଷକ ବୋଲି ଧରାଯାଏ। ସେ କହିଥିଲେ ଯେ, **'ରେଟୋରିକ୍'** ବୋଲି କୁହାଯାଉଥିବା ଯୋଗାଯୋଗ ପ୍ରକ୍ରିୟାରେ ଜଣେ ବକ୍ତା ଥାଆନ୍ତି ଅର୍ଥାତ୍ ଜଣେ ବକ୍ତା ଏକ ଯୁକ୍ତି ପ୍ରସ୍ତୁତ କରିବେ ଯାହା କି ଅଡିଏନ୍‌ସ ବା ଶ୍ରୋତାମାନଙ୍କ ସମ୍ମୁଖରେ ଅଭିଭାଷଣ ରୂପେ ଉପସ୍ଥାପନ କରାଯାଏ।

ଆରିଷ୍ଟୋଟଲ୍‌ଙ୍କ ମତବାଦ ବିଂଶ ଶତାବ୍ଦୀ ମଧ୍ୟଭାଗର ଗବେଷକମାନଙ୍କ ଦୃଷ୍ଟିଭଙ୍ଗୀକୁ ଗୁରୁତ୍ୱ ଦିଏ।




ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ମଡେଲ୍ ୫ଟି ମୌଳିକ ଉପାଦାନକୁ ନେଇ ଗଠିତ।

**କ) ବକ୍ତା**

**ଖ) ଅଭିଭାଷଣ**

**ଗ) ଅବସର**

**ଘ) ଶ୍ରୋତା**

**ଙ) ପ୍ରଭାବ**

ବିଭିନ୍ନ ସମୟ ବା ଅବସରରେ ତଥା ଭିନ୍ନ ଫଳାଫଳ ପାଇଁ , ଅଲଗା ଶ୍ରୋତାମଣ୍ଡଳୀ ପାଇଁ ଅଲଗା ଅଭିଭାଷଣ ପ୍ରସ୍ତୁତ କରିବା ଲାଗି ଆରିଷ୍ଟୋଟଲ୍ ବକ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

ସର୍ବସାଧାରଣ ଅଭିଭାଷଣରେ ବକ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି। ମଞ୍ଚରେ ପ୍ରବେଶ କରିବା ପୂର୍ବରୁ ବକ୍ତା ତାଙ୍କର ଅଭିଭାଷଣ ପ୍ରସ୍ତୁତ କରିବା ସହିତ ଶ୍ରୋତାମଣ୍ଡଳୀର ଚାହିଦାର ବିଶ୍ଲେଷଣ କରିବା ଆବଶ୍ୟକ। ତାଙ୍କର ଶବ୍ଦଗୁଡ଼ିକ ଶ୍ରୋତାମଣ୍ଡଳୀର ମସ୍ତିଷ୍କକୁ ପ୍ରଭାବିତ କରିବା ଏବଂ ସେମାନଙ୍କ ଚେତନାକୁ ତାଙ୍କ ଆଡକୁ ଢଳାଇବା ଉଚିତ।

**ଉଦାହରଣ:** ପାରସ୍ୟ ସାମ୍ରାଜ୍ୟକୁ ହରାଇବା ପାଇଁ ଆଲେକ୍‌ଜାଣ୍ଡାର୍ ଯୁଦ୍ଧକ୍ଷେତ୍ରରେ ତାଙ୍କ ସୈନ୍ୟମାନଙ୍କୁ ଓଜସ୍ୱିନୀ ଅଭିଭାଷଣ ଶୁଣାଇଥିଲେ।

ବକ୍ତା – ଆଲେକ୍‌ଜାଣ୍ଡାର୍

ଅଭିଭାଷଣ- ଅଭିଯାନ ସଂପର୍କରେ

ଅବସର- ଯୁଦ୍ଧକ୍ଷେତ୍ର

ଶ୍ରୋତାମଣ୍ଡଳୀ- ସୈନ୍ୟବାହିନୀ

ପ୍ରଭାବ- ପାରସ୍ୟକୁ ହରାଇବା

ଇତିମଧ୍ୟରେ ଅନେକ ମଡେଲ୍ ଓ ସିଦ୍ଧାନ୍ତ ବିକଶିତ ହୋଇ ସାରିଲାଣି। ଉଦାହରଣ ସ୍ୱରୂପ **କ୍ଲଉଡ୍ ସାନନ୍ ଓ ୱାରେନ୍ ୱିଭର୍** ୧୯୪୯ରେ 'ଯୋଗାଯୋଗର ଗାଣିତିକ ନମୁନା'ର ପରିକଳ୍ପନା କରିଥିଲେ ଯାହା କି ଟେଲିଫୋନ୍ ଯୋଗାଯୋଗ ଉପରେ ଆଧାରିତ ସେମାନଙ୍କ ଗବେଷଣାର ଫଳାଫଳ ଥିଲା।

ଲୋକମାନଙ୍କ ଦୈନନ୍ଦିନ ଜୀବନର ଅଂଶ ହୋଇନଥିବ।

## ୨.୪: ଲାସୱେଲଙ୍କ ନମୁନା

ଆମେରିକୀୟ ରାଜନୀତିବିଜ୍ଞାନୀ ହାରୋଲ୍ଡ ଡ୍ୱାଇଟ୍ ଲାସ୍ୱେଲ୍ ମତ ଦେଇଥିଲେ ଯେ, ନିମ୍ନସ୍ଥ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ହେଉଛି ଯୋଗାଯୋଗ କାର୍ଯ୍ୟର ଉପଯୁକ୍ତ ବର୍ଣ୍ଣନା ପାଇଁ ଯଥାର୍ଥ ଉପାୟ।

- କିଏ ?
- କ'ଣ କହେ ?
- କେଉଁ ଉପାୟରେ କହେ ?
- କାହାକୁ କହେ ?
- ଫଳାଫଳ କ'ଣ ?

ଏହି ନମୁନାଟି ଯୋଗାଯୋଗ ପ୍ରକ୍ରିୟା ଓ ସମାଜ ପାଇଁ ଏହାର କାର୍ଯ୍ୟ ବିଷୟକୁ ନେଇ ଗଠିତ। ଲାସ୍ୱେଲ୍ଙ୍କ ମତରେ କମ୍ୟୁନିକେସନ୍ ବା ଯୋଗାଯୋଗର ୩ଟି କାର୍ଯ୍ୟକାରୀତା ରହିଛି।

୧) ପରିବେଶ ଉପରେ ତୀକ୍ଷ୍ଣ ନଜର

୨) ସମାଜର ବିଭିନ୍ନ ଉପାଦାନ ମଧ୍ୟରେ ପାରସ୍ପରିକ ସଂପର୍କ

୩) ଯୁଗ-ଯୁଗ ମଧ୍ୟରେ ସାଂସ୍କୃତିକ ପ୍ରସାରଣ

ଲାସ୍ୱେଲ୍ଙ୍କ ମଡେଲ୍ କହେ ଯେ, ଏକ ବିବିଧ ସାଂସ୍କୃତିକ ସମାଜ ଭିତରେ ଓ ବିବିଧ ଅଡିଏନ୍ସଙ୍କ ମଧ୍ୟରେ ବାର୍ତ୍ତା ପ୍ରବାହିତ ହୁଏ। ବିଭିନ୍ନ ମାଧ୍ୟମ ଦେଇ ବାର୍ତ୍ତାର ପ୍ରବାହ ହୁଏ। ଲାସ୍ୱେଲ୍ଙ୍କ ଯୋଗାଯୋଗ ନମୁନାଟି ଠିକ୍ ଆରିଷ୍ଟୋଟଲ୍ଙ୍କ ଯୋଗାଯୋଗ ନମୁନା ଭଳି। ବାର୍ତ୍ତାଗୁଡ଼ିକ କିପରି ପ୍ରାପ୍ତ ହେବ ଓ ଏହାର ପ୍ରତିକ୍ରିୟା ସୃଷ୍ଟି ପ୍ରକ୍ରିୟାରେ ହସ୍ତକ୍ଷେପ କରୁଥିବା ମଧ୍ୟସ୍ଥଙ୍କ ବ୍ୟବସ୍ଥା ଲାସ୍ୱେଲ୍ ରଖିନାହାନ୍ତି।

ଏହି ମଡେଲ୍ରେ, ଯୋଗାଯୋଗର ଉପାଦାନ ଉପରେ ଗବେଷଣାର କ୍ଷେତ୍ରକୁ **କଣ୍ଟ୍ରୋଲ୍ ଆନାଲିସିସ୍** ବା ନିୟନ୍ତ୍ରଣ ବିଶ୍ଳେଷଣ କୁହାଯାଏ।

- ଏହା କ'ଣ – **କଣ୍ଟେଟ୍ ଆନାଲିସିସ୍** ବା ବିଷୟବସ୍ତୁ ବିଶ୍ଳେଷଣ
- ଏହା କେଉଁ ମାଧ୍ୟମ- **ମିଡିଆ ଆନାଲିସିସ୍** ବା ମାଧ୍ୟମର ବିଶ୍ଳେଷଣ

- ଏହା କାହା ପାଇଁ- **ଅଡିଏନ୍ସ ଆନାଲିସିସ୍** ବା ପାଠକ/ଶ୍ରୋତା/ଦର୍ଶକ ବିଶ୍ଳେଷଣ
- ପ୍ରଭାବ କିପରି- **ଇଫେକ୍ଟ ଆନାଲିସିସ୍** ବା ପ୍ରଭାବ ବିଶ୍ଳେଷଣ।




**ଚିତ୍ର : ୨.୨**

### ୨.୪.୧ ଲାସ୍‌ୱେଲ୍‌ଙ୍କ ମଡେଲ୍‌ର ଉପାଦେୟତା

- ଏହା ସହଜ ଓ ସରଳ।
- ଏହା ପ୍ରାୟ ସବୁ ପ୍ରକାରର ଯୋଗାଯୋଗ ସହ ଖାପ ଖାଏ
- ପ୍ରଭାବର ଧାରଣା ସଂପର୍କିତ ଚିନ୍ତାଧାରା ଥାଏ।

### ୨.୪.୨ ଲାସ୍‌ୱେଲ୍‌ଙ୍କ ମଡେଲ୍‌ର ଦୁର୍ବଳତା

- ଫିଡ୍‌ବ୍ୟାକ୍‌ର ଉଲ୍ଲେଖ ନଥାଏ।
- **ନଏଜ୍** ର ଉଲ୍ଲେଖ ନଥାଏ।
- ଏହା ଯୋଗାଯୋଗର ଗୋଟିଏ ଏକମୁଖୀ ମଡେଲ।

## ୨.୫: ଓସ୍‌ଗୁଡ୍-ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନା

ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନା ୧୯୫୪ରେ ୱିଲବର୍ ସ୍କ୍ରାମ୍‌ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା, ସେଥିରେ ସେ ମତ ଦେଇଥିଲେ ଯେ ଯୋଗାଯୋଗ ହେଉଛି ଏକ ଦ୍ୱିମୁଖୀ ପ୍ରକ୍ରିୟା ଯେଉଁଠି ଉଭୟ ପ୍ରେରକ ଓ ପ୍ରାପକ ସେମାନଙ୍କ ବାର୍ତ୍ତା ପ୍ରେରଣ ଓ ଗ୍ରହଣ କରିବା ପାଇଁ ପାର୍ଶ୍ୱ ପରିବର୍ତ୍ତନ କରନ୍ତି।

ଏନ୍‌କୋଡିଂ ବା ଅର୍ଥନିବେଶ କରିବା ପରେ ବାର୍ତ୍ତା ପ୍ରେରକ ପାଖକୁ ପଠା ଯାଇଥାଏ, ତେଣୁ ପ୍ରେରକକୁ **ଏନ୍‌କୋଡର୍** କୁହାଯାଏ ଏବଂ ଏହି ଏନ୍‌କୋଡେଡ୍ ବା ଅର୍ଥନିବିଷ୍ଟ ବାର୍ତ୍ତାକୁ ପ୍ରାପକପାଇବା ପରେ ଏହାର ଡିକୋଡିଂ ବା ଅର୍ଥ ବାହାର କରୁଥିବାରୁ ନିଜେ **ଡିକୋଡର୍** ପାଲଟିଥାଏ।

ଅନ୍ୟ ଜଣେ ସିଦ୍ଧାନ୍ତ ପ୍ରଣେତା ଓସ୍‌ଗୁଡ୍‌ଙ୍କ କେତେକ ସିଦ୍ଧାନ୍ତରୁ ଏହି ମଡେଲ୍‌ଟି ସଂଗୃହୀତ ହୋଇଥିବାରୁ ଏହାକୁ ମଧ୍ୟ ଓସ୍‌ଗୁଡ୍-ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍ ବା ଯୋଗାଯୋଗର ଏନ୍‌କୋଡିଂ –ଡିକୋଡିଂ ମଡେଲ୍ କୁହାଯାଏ। ଓସ୍‌ଗୁଡ୍‌ଙ୍କ ମତରେ ଯୋଗାଯୋଗ ହେଉଛି ଗୋଟିଏ ପରିବର୍ତ୍ତନଶୀଳ ପ୍ରକ୍ରିୟା ଯେଉଁଥିରେ ଉତ୍ସ ଓ ଗ୍ରାହକ ମଧ୍ୟରେ ଏକ ଭାବବିନିମୟ ଆଧାରିତ ସଂପର୍କ ଥାଏ।

ଓସ୍‌ଗୁଡ୍ ଯୋଗାଯୋଗର ଏକମୁଖୀ ମଡେଲ୍‌କୁ ବଦଳାଇ ବୃତ୍ତାକାର ମଡେଲ କରି ଦେଲେ ଏବଂ ସ୍କ୍ରାମ୍ ଏଥିରେ **ଫିଲ୍ଡ୍ ଏକ୍ସପେରିଏନ୍‌ସ୍** ବା କ୍ଷେତ୍ର ଅଭିଜ୍ଞତାର ଧାରଣାକୁ ଯୋଡ଼ିଲେ। ସ୍କ୍ରାମ୍‌ଙ୍କ ପୁସ୍ତକ **'ଦ ପ୍ରସେସ୍ ଆଣ୍ଡ ଇଫେକ୍ଟସ୍ ଅଫ୍ କମ୍ୟୁନିକେସନ୍'**ରେ ଏହି ମଡେଲ୍‌ର ବର୍ଣ୍ଣନା କରାଯାଇଛି।




ଚିତ୍ର ୨.୩

### ୨.୫.୧: ସ୍କ୍ରାମ୍‌ଙ୍କ ମଡେଲ୍‌ର ବିଭିନ୍ନ ଉପାଦାନ

ସ୍କ୍ରାମ୍‌ଙ୍କ ମଡେଲ୍‌ରେ ଯୋଗାଯୋଗ ପାଇଁ ବିଭିନ୍ନ ଉପାଦାନ ରହିଛି।

- ବାର୍ତ୍ତା ପ୍ରେରଣକାରୀ ବ୍ୟକ୍ତି ହେଉଛନ୍ତି ପ୍ରେରକ (**ଟ୍ରାନ୍‌ସମିଟର**)
- ବାର୍ତ୍ତା କୋଡ୍‌ରେ ପ୍ରେରଣଯୋଗ୍ୟ ରୂପେ ରୂପାନ୍ତରିତ କରୁଥିବା ବ୍ୟକ୍ତି **ଏନ୍‌କୋଡର୍**
- ଏନ୍‌କୋଡର୍ ଦ୍ୱାରା ପ୍ରେରିତ ବାର୍ତ୍ତା ପାଇ ଯିଏ ବୋଧଗମ୍ୟ ଭାଷାରେ ଡିକୋଡ୍ କରନ୍ତି ସିଏ **ଡିକୋଡର୍**
- ଯିଏ ବାର୍ତ୍ତାକୁ ବୁଝି ବିଶ୍ଳେଷଣ କରିବାର ପ୍ରୟାସ କରନ୍ତି ସିଏ ହେଉଛନ୍ତି **ଇଣ୍ଟରପ୍ରିଟର୍**। **ଇଣ୍ଟରପ୍ରିଟେସନ୍** ବା ଅର୍ଥପ୍ରକାଶ ପରେ ବାର୍ତ୍ତାଟି ପ୍ରାପ୍ତ ହୁଏ। **ରିସିଭର୍** ଓ **ଇଣ୍ଟରପ୍ରିଟର୍** ସମାନ ବ୍ୟକ୍ତି ହୋଇଥାନ୍ତି।
- ବାର୍ତ୍ତା ପାଉଥିବା ବ୍ୟକ୍ତି ହେଉଛନ୍ତି **ରିସିଭର୍** । ସେ ପ୍ରକୃତ ବାର୍ତ୍ତାଟିକୁ **ଡିକୋଡ୍** ଓ **ଇଣ୍ଟରପ୍ରିଟ୍** କରନ୍ତି।
- ପାଇଥିବା ବାର୍ତ୍ତା ଉପରେ ପ୍ରାପକ ପ୍ରତିକ୍ରିୟା ପ୍ରକାଶ କରିବା ହେଉଛି **ଫିଡ୍‌ବ୍ୟାକ୍**।
- ମିଡିୟମ୍ ବା ମିଡିଆ ହେଉଛି ବାର୍ତ୍ତା ପଠାଇବା ପାଇଁ ବ୍ୟବହୃତ ମାଧ୍ୟମ ବା **ଚ୍ୟାନେଲ୍**।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

- ଏହି ପ୍ରକ୍ରିୟା ମଝିରେ ହେଉଥିବା ହସ୍ତକ୍ଷେପ ଓ ପ୍ରତିବନ୍ଧକ ହେଉଛି **ନଏଜ୍।** ପ୍ରେରକ ପଠାଇଥିବା ବାର୍ତ୍ତାର ଉଦ୍ଦିଷ୍ଟ ଅର୍ଥଠାରୁ ଯଦି ପ୍ରାପକ ବାହାର କରୁଥିବା ଅର୍ଥ ଭିନ୍ନ ହୁଏ ତେବେ ମଧ୍ୟ **ନଏଜ୍** ସୃଷ୍ଟି ହୋଇଥାଏ- ଏହାକୁ **ସିମାଣ୍ଟିକ୍ ନଏଜ୍** କୁହାଯାଏ।

## ୨.୫.୨: ସ୍କ୍ରାମ୍‌ଙ୍କ ମଡେଲ୍‌ର କାର୍ଯ୍ୟକାରୀତା

ଏହି ମଡେଲ୍ ସୂଚାଏ ଯେ, **ଏନ୍‌କୋଡିଂ** ଓ **ଡିକୋଡିଂ** ହେଉଛି ଯୋଗାଯୋଗ ପ୍ରକ୍ରିୟାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶ।

**ଏନ୍‌କୋଡିଂ** ତଥ୍ୟକୁ ସୂଚନାରେ ରୂପାନ୍ତରିତ କରି ବାର୍ତ୍ତା ପ୍ରେରଣ ପ୍ରକ୍ରିୟା ଆରମ୍ଭ କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଥାଏ। ଜଣେ ପ୍ରେରକ (**ଟ୍ରାନ୍‌ସମିଟର**) ଦ୍ୱାରା **ଏନ୍‌କୋଡିଂ** କରାଯାଏ। ଡାଟା/ ତଥ୍ୟ ଯେତେବେଳେ ପ୍ରାପକ ପାଖରେ ପହଂଚେ, ରିସିଭର୍ ଡାଟା ଡିକୋଡ୍ କରି ଇଣ୍ଟରପ୍ରିଟ୍ କରେ। ଏହି ଡାଟା ବା ତଥ୍ୟକୁ ବାର୍ତ୍ତା କୁହାଯାଏ ଏବଂ ଏହା ଏକ ମାଧ୍ୟମ ଜରିଆରେ ପ୍ରେରିତ ହୁଏ।

ଜଣେ ବ୍ୟକ୍ତି କିମ୍ବା ଗୋଷ୍ଠୀଠାରୁ ଅନ୍ୟ ବ୍ୟକ୍ତି ବା ଗୋଷ୍ଠୀ ପାଖକୁ ତଥ୍ୟର ଅର୍ଥ କିପରି ଗତି କରେ ତାହାଏହି ମଡେଲ୍ ଦର୍ଶାଏ। ଉଭୟ ବ୍ୟକ୍ତି-ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଗାଯୋଗରେ ସ୍କ୍ରାମ୍‌ଙ୍କ ମଡେଲ୍ ବ୍ୟବହୃତ ହୋଇଥାଏ।

ଏହି ମଡେଲ୍ ଅନୁଯାୟୀ ଯୋଗାଯୋଗ ଏକ ଅସରନ୍ତି ପ୍ରକ୍ରିୟା ଯେଉଁଥିରେ ବାର୍ତ୍ତା ଓ ମତାମତ ସମ୍ମିଳିତ ହୋଇ ରହିଥାଏ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ ଅଟନ୍ତି, ତେଣୁ ପ୍ରତି ପାଳିରେ ବାର୍ତ୍ତାର **ଇଣ୍ଟରପ୍ରିଟେସନ୍** ବା ଭାବପ୍ରକାଶ ହେବା ଉଚିତ। **ଇଣ୍ଟରପ୍ରିଟେଡ୍ ଡାଟା ବା** ଅର୍ଥ ପ୍ରକାଶିତ ଥଥ୍ୟକୁ ସୂଚନା ପୋଲି କୁହାଯାଏ। ଏହା ଯୋଗାଯୋଗକୁ ସଫଳ କରାଇଥାଏ କିନ୍ତୁ ଏନ୍‌କୋଡିଂ କରି ପ୍ରେରଣ କରାଯାଇଥିବା ବାର୍ତ୍ତାର ଅର୍ଥ ଡିକୋଡିଂ ପରେ ମୂଳ ଅର୍ଥଠାରୁ ଅଲଗା ହୋଇ ଯିବାର ଆଶଙ୍କା ଥିବାରୁ ଏଥିରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଏହି ମଡେଲ୍‌ଟି କେବଳ ପ୍ରେରକ ଓ ପ୍ରାପକର କଥା କହୁଥିବା ଅନ୍ୟ ପୁରୁଣାକାଳିଆ ମଡେଲ୍ ଭଳି ନୁହେଁ।

ଫିଡ୍‌ବ୍ୟାକ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ କାରଣ ପ୍ରାପକ ଆବଶ୍ୟକତା ଅନୁଯାୟୀ ବାର୍ତ୍ତାର ଠିକ୍ ଅର୍ଥ ପ୍ରାପ୍ତ ହୋଇ ପାରିଲା କି ନାହିଁ ତାହା ଜାଣିବାରେ ଏହା ପ୍ରେରକକୁ ସାହାଯ୍ୟ କରିଥାଏ। ଯଦି ପ୍ରାପକ ବାର୍ତ୍ତାର ଠିକ୍ ଅର୍ଥ ବୁଝି ନ ପାରେ ତେବେ ଫିଡ୍‌ବ୍ୟାକ୍ ଆଶାନୁରୂପ ନ ହୋଇ ବଦଳିଯାଏ ଏବଂ ବାର୍ତ୍ତାଟି ଅଦରକାରୀ ହୋଇଯାଏ।

ଯଦି ଫିଡ୍‌ବ୍ୟାକ୍ ନ ଆସେ ତେବେ ଯୋଗାଯୋଗ ଅସଂପୂର୍ଣ୍ଣ ହୋଇଥାଏ। ଉଦ୍ଦେଶ୍ୟମୂଳକ ପ୍ରଚାର ଓ ଅନ୍ୟମାନଙ୍କ ନିକଟକୁ ବାର୍ତ୍ତା ପ୍ରେରଣ, ଯୋଗାଯୋଗକୁ ସୁନିଶ୍ଚିତ କରିଥାଏ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଇଂରାଜୀ ବୁଝୁନଥିବା ଅନ୍ୟ ଜଣଙ୍କ ସହ କଥା ହେଉଛନ୍ତି, ବ୍ୟକ୍ତିଜଣକ ବାର୍ତ୍ତାଟିକୁ କହିବେ ଓ ଭାଷା ରୂପରେ ଲେଖିବେ। ତେବେ ଅନ୍ୟ ବ୍ୟକ୍ତିଜଣକ ବାର୍ତ୍ତାଟିକୁ ପ୍ରଥମ ବ୍ୟକ୍ତିଙ୍କ ଭଳି ଡିକୋଡ୍ କରିବାରେ ସକ୍ଷମ ହେବେ ନାହିଁ, କାରଣ ସେ ଇଂରାଜୀ ଭାଷା ବୁଝନ୍ତି ନାହିଁ।

ପ୍ରେରକ ନିକଟକୁ ଫିଡ୍‌ବ୍ୟାକ୍ ତୁରନ୍ତ ଆସିଥାଏ ଯେ, ପ୍ରାପକ ଆଶାନୁରୂପ ଭାବେ ବାର୍ତ୍ତାଟିକୁ ବୁଝି ନାହାନ୍ତି। ଫିଡ୍‌ବ୍ୟାକ୍ ଏଭଳି ଭାବରେ ଯୋଗାଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥାଏ।

ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍ ସାନନ୍-ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ରୁ ଉଦ୍‌ଭବ ହୋଇଥିଲା। ସାନନ୍-ୱିଭର୍‌ଙ୍କ ମଡେଲ୍‌ଟି ଏକ ଅଧିକ ଗାଣିତିକ ଓ ବୈଷୟିକ ଜ୍ଞାନକୌଶଳ ଭିତିକ ମଡେଲ୍ ଯେତେବେଳେ କି ସ୍କ୍ରାମ୍‌ଙ୍କ ମଡେଲ୍‌ଟି ଅଧିକ ମନୋବୈଜ୍ଞାନିକ।

**୨.୫.୩: ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ସ୍ୱରୂପ**

ସ୍କ୍ରାମ୍ ବିଶ୍ୱାସ କରୁଥିଲେ ଯେ, ଯୋଗାଯୋଗରେ ସଂପୃକ୍ତ ଥିବା ବ୍ୟକ୍ତିର ପୃଷ୍ଠଭୂମିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଜ୍ଞାନ, ଅଭିଜ୍ଞତା ଓ ସାଂସ୍କୃତିକ ଅଭ୍ୟାସ ସଂପନ୍ନ ଲୋକେ ଅନ୍ୟମାନଙ୍କ ତୁଳନାରେ ଭିନ୍ନ ଉପାୟରେ ବାର୍ତ୍ତାର ଅର୍ଥ ବାହାର କରନ୍ତି।

ଜଣେ ପ୍ରେରକ ପ୍ରାପକ ନିକଟକୁ ବାର୍ତ୍ତା ପଠାଇଥାଏ, ପ୍ରାପକ ନିଜର ଜ୍ଞାନ ଓ ଅଭିଜ୍ଞତା ଅନୁଯାୟୀ ଏହାର ଅର୍ଥ ବାହାର କରିଥାଏ ଏବଂ ପ୍ରେରକ ନିକଟକୁ ଫିଡ୍‌ବ୍ୟାକ୍ ଦେଇଥାଏ। ତାଙ୍କ ମଡେଲ୍‌ରେ ସନ୍ନିବେଶିତ ପ୍ରମୁଖ ଚିନ୍ତାଧାରାଗୁଡ଼ିକ ହେଲା:-

ଏଠାରେ 'ସିମାଣ୍ଟିକ୍ ନଏଜ୍'ର ପ୍ରାରମ୍ଭିକ ପରିଚୟ ମିଳିଥାଏ, ଯାହା ଜଣେ ପ୍ରେରକ ଓ ପ୍ରାପକ ସମାନ ବାର୍ତ୍ତା ଉପରେ କିପରି ଭିନ୍ନ ଅର୍ଥ ପ୍ରୟୋଗ କରନ୍ତି ତାହା ଦର୍ଶାଏ। ଏହା ମୁଖ୍ୟତଃ ବୈଷୟିକ ଭାଷା ବା କେତେକ ନିର୍ଦ୍ଦିଷ୍ଟ ଶବ୍ଦ ଓ ଖଣ୍ଡବାକ୍ୟ ପାଇଁ ଘଟିଥାଏ। ଏପରି ଭାବରେ କେତେକ ନିର୍ଦ୍ଦିଷ୍ଟ ଶବ୍ଦ ଓ ଖଣ୍ଡବାକ୍ୟ, **ଯୋଗାଯୋଗର** ପ୍ରକୃତ ଅର୍ଥଠାରୁ ଜଣକୁ ଭିନ୍ନ ଅର୍ଥ ଆଡକୁ ନେଇଯାନ୍ତି।

ଯେତେବେଳେ 'ସିମାଣ୍ଟିକ୍ ନଏଜ୍' ସୃଷ୍ଟି ହୁଏ, **ଡିକୋଡିଂ**/ଅର୍ଥ ପ୍ରକରଣ ଓ **ଇଣ୍ଟରପ୍ରିଟେସନ୍** ବା ଭାବାନୁବାଦ କଷ୍ଟସାଧ୍ୟ ହୋଇଥାଏ ଏବଂ ଲୋକମାନେ ମୂଳ ବାର୍ତ୍ତାଠାରୁ ଦୂରେଇ ଯାଆନ୍ତି।




**ଚିତ୍ର-୨.୪**

**୨.୫.୪: ଅଭିଜ୍ଞତା କ୍ଷେତ୍ର**

ସଂସ୍କୃତି, ସାମାଜିକ ପୃଷ୍ଠଭୂମି, ସ୍ୱାସ୍ଥ୍ୟ, ଅଭିଜ୍ଞତା, ମୂଲ୍ୟବୋଧ ଓ ନୀତିନିୟମ ଭଳି ବାର୍ତ୍ତାର **ଅଣ୍ଡରଷ୍ଟାଣ୍ଡିଂ**/ଅର୍ଥ ଓ **ଇଣ୍ଟରପ୍ରେଟସନ୍**/ଭାବକୁ ପ୍ରଭାବିତ କରୁଥିବା କାରକଙ୍କୁ ଫିଲ୍ଡ ଅଫ୍ ଏକ୍ସପେରିଏନ୍‌ସ ବା ଅଭିଜ୍ଞତା କ୍ଷେତ୍ର କୁହାଯାଏ।

ସମାନ ବାର୍ତ୍ତାରୁ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଅର୍ଥ ବାହାର କରି ପାରନ୍ତି। ଯଦି ଉଭୟେ ବ୍ୟବହାର କରୁଥିବା **ୱାର୍ଡ**/ଶବ୍ଦ ଓ **ସାଇନ**/ସଙ୍କେତ ସମାନ ହୋଇଥାଏ, ତେବେ ସେମାନେ ଅଧିକ ଦକ୍ଷତାର ସହ ଯୋଗାଯୋଗ କରିପାରନ୍ତି।

ଉଦାହରଣ ସ୍ୱରୂପ, ସବୁବେଳେ ଚାମଚ ସାହାଯ୍ୟରେ ଖାଉଥିବା ଜଣେ ବ୍ୟକ୍ତିଙ୍କୁ ଏବେ ନିଜ ହାତରେ ଖାଇବାକୁ ପଡ଼ିବ ବୋଲି କୁହାଗଲେ ସେ ଅପମାନିତ ବୋଧ କରିପାରନ୍ତି କାରଣ ହାତରେ ଖାଇବା ଅଭଦ୍ରାମୀ ବୋଲି ସେ ଭାବିଥାନ୍ତି। ବାର୍ତ୍ତାରୁ କୌଣସି ବ୍ୟକ୍ତି ବାହାର କରୁଥିବା ଅର୍ଥକୁ ସାମାଜିକ-ସାଂସ୍କୃତିକ ବ୍ୟବଧାନ ବଦଳାଇ ଦେଇପାରେ।

**୨.୫.୪ (କ): ସଂପର୍କ ପ୍ରସଙ୍ଗ**

ପରସ୍ପର ସହ ଘନିଷ୍ଠ ବ୍ୟକ୍ତିଙ୍କ ମଧ୍ୟରେ ଆଲୋଚନାର ଅନେକ ଖୋରାକ ରହିଥାଏ। ବାର୍ତ୍ତାଟି ଉଭୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ। ପ୍ରେରକ ଓ ପ୍ରାପକ ମଧ୍ୟରେ ଘନିଷ୍ଠତା ଥିଲେ ଯୋଗାଯୋଗ ସହଜ ହୋଇଥାଏ।

ଉଦାହରଣ ସ୍ୱରୂପ, ନୂଆ ବନ୍ଧୁଙ୍କ ତୁଳନାରେ ପୁରୁଣା ବନ୍ଧୁଙ୍କର ଆଲୋଚନା କରିବାକୁ ଅନେକ କଥାଥାଏ, କାରଣ ସେମାନଙ୍କ ସାମାଜିକ ବଳୟ ବୃହତ ହୋଇଥାଏ।

**୨.୫.୪ (ଖ): ଅଭିଜ୍ଞତା କ୍ଷେତ୍ରରେ ସାମାଜିକ ପରିବେଶର ପ୍ରଭାବ ପ୍ରସଙ୍ଗ**

ଲୋକେ ରହୁଥିବା ପରିସ୍ଥିତି ଅନୁଯାୟୀ ସେମାନେ ଯୋଗାଯୋଗ କରିଥାନ୍ତି। ସ୍ଥାନ, ସମୟ, କାରଣ ଓ ସାମ୍ନା କରୁଥିବା ପରିସ୍ଥିତି ଅନୁଯାୟୀ ଲୋକମାନେ କାର୍ଯ୍ୟ ଓ ଯୋଗାଯୋଗ କରିଥାନ୍ତି। ସାଧାରଣ ଭାବେ ଭେଟିବା କିମ୍ବା ଦାପ୍ତରିକ ବା ଆନୁଷ୍ଠାନିକ କାମରେ ଭେଟିବାବେଳେ ସମାନ ଲୋକ ଭିନ୍ନ ଢଙ୍ଗରେ କାର୍ଯ୍ୟ କରିଥାନ୍ତି।

**୨.୫.୫: ଓସ୍‌ଗୁଡ଼-ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନାର ଉପାଦେୟତା**

୧. ବୃତ୍ତାକାର ଯୋଗାଯୋଗ ଉଭୟ ପକ୍ଷକୁ ସେମାନଙ୍କ ମତାମତ ଦେବାର ସୁଯୋଗ ଦିଏ।

୨. ଏକ ଧାରଣା ରୂପେ ଅନ୍ତର୍ଭୁକ୍ତ **ସିମାଣ୍ଟିକ୍ ନଏଜ୍,** ବାର୍ତ୍ତାର **ଇଣ୍ଟରପ୍ରିଟେସନ** ବେଳେ ସମ୍ଭାବ୍ୟ ସମସ୍ୟାକୁ ବୁଝିବାରେ ସହାୟକ ହୁଏ।

୩. **ରିସିଭର/**ପ୍ରାପକ ବାର୍ତ୍ତାର ଅର୍ଥକୁ ଉଦ୍ଦିଷ୍ଟ ଭାବେ ବୁଝିଲେ କି ନାହିଁ ଫିଡ୍‌ବ୍ୟାକ୍ ତାହା ଜାଣିବାକୁ ସହଜ କରିଥାଏ।

୪. **ଇଣ୍ଟରପ୍ରିଟେସନ**ର ଧାରଣାଟି ଯୋଗାଯୋଗକୁ କାର୍ଯ୍ୟକାରୀ କରିଥାଏ।

୫. **ଫିଲ୍ଡ ଅଫ୍ ଏକ୍ସପେରିଏନ୍ସ** (ମନୋବୈଜ୍ଞାନିକ) ଯୋଗାଯୋଗ ପ୍ରକ୍ରିୟାକୁ ପାରମ୍ପରିକ ଢଙ୍ଗଠାରୁ

ନିଆରା ଢଙ୍ଗରେ ବୁଝିବା ପାଇଁ ସାହଯ୍ୟ କରେ।

୬. ପ୍ରସଙ୍ଗର ଧାରଣାଟି ବାର୍ତ୍ତାର **ଇଣ୍ଟରପ୍ରିଟେସନରେ** ପରିବେଶ ଦିଗକୁ ସାମିଲ କରିଥାଏ ଓ ବାର୍ତ୍ତାର ମୂଲ୍ୟବୋଧରେ ପରିବର୍ତନ ଆଣିଥାଏ।

୭. ପରିସ୍ଥିତି କେମିତି ବଦଳିପାରେ ଦର୍ଶାଉଥିବାରୁ ଏହା ଏକ ପରିବର୍ତ୍ତନଶୀଳ ମଡେଲ୍।

୮. **ରିଡଣ୍ଡେନ୍ସି** ବା ଅଲୋଡ଼ା ହୋଇଯିବାଟା କାହିଁକି ଯୋଗାଯୋଗର ଏକ ଅପରିହାର୍ଯ୍ୟ ଅଂଶ ବୋଲି ଏହା ଦର୍ଶାଏ।

୯. ଅଲଗା ପ୍ରେରକ ଓ ପ୍ରାପକ ନଥାନ୍ତି, ପ୍ରେରକ ଓ ପ୍ରାପକ ନିଜ ନିଜ ମଧ୍ୟରେ ଭୂମିକା ବଦଳାଇଥାନ୍ତି।

### ୨.୫.୬: ଓସ୍‌ଗୁଡ଼-ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ଦୁର୍ବଳତା

୧. ଏହି ମଡେଲ୍‌ରେ **ସିମାଣ୍ଟିକ୍ ନଏଜ୍** ର ଉଲ୍ଲେଖ ନଥାଏ ଏବଂ ଏନ୍‌କୋଡିଂ ଓ **ଡିକୋଡିଂ** ଆପେ ଆପେ ହୁଏ ବୋଲି ଏହା ଧରିନିଏ। ଏହା ଏହି ମଡେଲ୍‌ର ପ୍ରମୁଖ ଦୁର୍ବଳତା।

୨. ଏହି ମଡେଲ୍ ଯୋଗାଯୋଗର ବିଭିନ୍ନ ସ୍ତର ଓ ଜଟିଳ ଯୋଗାଯୋଗ ପ୍ରକ୍ରିୟାରେ କାମ କରେନାହିଁ।

୩. ଯୋଗାଯୋଗର କେବଳ ଦୁଇଟି ଉତ୍ସ ରହିପାରେ, ଅଧିକ ଉତ୍ସ ପ୍ରକ୍ରିୟାକୁ ଜଟିଳ କରେ ଓ ଏହି ମଡେଲ୍ କାର୍ଯ୍ୟକାରୀ ହୋଇ ପାରେନାହିଁ।

୪. ଉଦ୍ଦିଷ୍ଟ ଅର୍ଥଠାରୁ ପ୍ରେରିତ ଓ ପ୍ରାପ୍ତ ବାର୍ତ୍ତାର ଭିନ୍ନ **ଇଣ୍ଟରପ୍ରିଟେସନ** ବା ଭାବାର୍ଥ ହୋଇପାରେ।

## ୨.୬: ଗର୍ବନରଙ୍କ ଯୋଗାଯୋଗ ମଡେଲ୍ (୧୯୫୬)

ଯୋଗାଯୋଗର ଏକ ସାଧାରଣ–ଉଦ୍ଦେଶ୍ୟବିଶିଷ୍ଟ ନମୁନା ପ୍ରସ୍ତୁତି ପାଇଁ କମ୍ୟୁନିକେସନ୍ ପ୍ରଫେସର୍ **ଜର୍ଜ ଗର୍ବନର୍** ଉଦ୍ୟମ କଲେ। ଦେଖିବାକୁ ଗଲେ ଏହା ସାନନ୍-ୱିଭର୍‌ଙ୍କ ମଡେଲ୍‌ଠାରୁ ଅଧିକ ଜଟିଳ କିନ୍ତୁ ଏକମୁଖୀ ପ୍ରକ୍ରିୟା ହେଉଛି ଏହାର ମୂଳପିଣ୍ଡ। ସେମାନଙ୍କ ମଡେଲ୍‌ର ମାତ୍ର ଦୁଇଟି ବିକାଶ ହୋଇଛି ଯଥା; ଏହା ବାର୍ତ୍ତାକୁ 'ବାସ୍ତବତା' ବା ଏହା କେଉଁ 'ବିଷୟରେ' ତାହା ସହ ଯୋଡ଼ିଥାଏ ଏବଂ ଏହିପରି ଭାବେ ଧାରଣା ଓ ଅର୍ଥକୁ ପ୍ରଶ୍ନ କରିଥାଏ। ଏହି ମଡେଲ୍‌ର ଦୃଷ୍ଟିରେ ଯୋଗାଯୋଗ ପ୍ରକ୍ରିୟାରେ ଦୁଇଟି ବଦଳୁଥିବା **ଡାଇମେନ୍‌ସନ୍‌** ରହିଛି ଯଥା:- **ପର୍‌ସେପ୍‌ସନାଲ୍ ବା ରିସେପ୍ଟିଭ୍** ଏବଂ **କମ୍ୟୁନିକେଟିଂ** ଭଳି ଦୁଇଟି ନିୟନ୍ତ୍ରକ **ଡାଇମେନ୍‌ସନ୍** ବା ଧାରଣା ରହିଛି।




ଗର୍ବନରଙ୍କ ମଡେଲ୍ -ଚିତ୍ର- **୨.୫**

## ୨.୬.୧: ଗର୍ବନରଙ୍କ ଯୋଗାଯୋଗ ମଡେଲ୍‌ର ସ୍ୱରୂପ

ଗର୍ବନରଙ୍କ ଯୋଗାଯୋଗ ମଡେଲ୍‌ର ମୁଖ୍ୟ ଉପାଦାନଗୁଡ଼ିକ ହେଉଛି:

**୧ . ହୋରିଜଂଟାଲ୍ ଡାଇମେନ୍‌ସନ୍:** ବାହ୍ୟ ବାସ୍ତବତାର କୌଣସି ଘଟଣା 'ଇ' ସହିତ ପ୍ରକ୍ରିୟା ଆରମ୍ଭ ହୁଏ ଯାହାକୁ 'ଏମ୍' ବୁଝିବାକୁ ଚେଷ୍ଟା କରେ। (ଏମ୍ ଜଣେ ବ୍ୟକ୍ତି କିମ୍ବା କ୍ୟାମେରା ବା ମାଇକ୍ରୋଫୋନ୍ ଭଳି ଗୋଟିଏ ଯନ୍ତ୍ର ହୋଇପାରେ)

**'ଇ'**ସମ୍ବନ୍ଧରେ **'ଏମ୍'**ର ଧାରଣା ହେଉଛି ଏକ **ପର୍‌ସେପ୍ଟ ଇଏଲ୍**। ଏହା ହେଉଛି ପ୍ରକ୍ରିୟା ଆରମ୍ଭର **ପର୍‌ସେପ୍‌ଚୁଆଲ୍ ଡାଇମେନ୍‌ସନ ବା** ପରିକଳ୍ପିତ ଧାରଣା। **ଇ** ଏବଂ **ଇଏଲ୍** ମଧ୍ୟରେ ସଂପର୍କ ପ୍ରତିଷ୍ଠାରେ ଚୟନ ସଂପୃକ୍ତ, ଏଥିରେ **ଇ** ର ସାମଗ୍ରିକ ଜଟିଳତାକୁ **ଏମ୍** ବୁଝି ପାରିବ ନାହିଁ। ଯଦି **ଏମ୍** ଗୋଟିଏ ମେସିନ୍ ବା ଯନ୍ତ୍ର ହୁଏ ତେବେ ଚୟନ ଯନ୍ତ୍ରକୌଶଳ ବା ଏହାର ଆଙ୍ଗିକ ଦକ୍ଷତା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଯଦି **ଏମ୍** ଜଣେ ବ୍ୟକ୍ତି ହୋଇଥାନ୍ତି ତେବେ ଚୟନ ଅଧିକ ଜଟିଳ ହୋଇଥାଏ। ମାନିବୀୟ ବିଚାରଶକ୍ତି କେବଳ **ଷ୍ଟିମୁଲି** ବା ଉଦ୍ଦୀପକକୁ ଗ୍ରହଣ କରିବା ଭଳି ସରଳ ନୁହେଁ ବରଂ ଏହା ହେଉଛି ଭାବବିନିମୟ ବା ଆଲୋଚନାର ଏକ ପ୍ରକ୍ରିୟା। **ଏକ୍ସଟର୍ନାଲ୍ ଷ୍ଟିମୁଲି** ବା ବାହ୍ୟ ଉଦ୍ଦୀପକକୁ ସହିତ ଭାବନା ବା ଧାରଣାର **ଇଣ୍ଟର୍ନାଲ୍ ପ୍ୟାଟର୍ନ** ବା ଆଭ୍ୟନ୍ତରୀଣ ଶୈଳୀ ସହିତ ମିଳାଇବା ପାଇଁ ଆମେ ଚେଷ୍ଟା କରୁ। ଯେତେବେଳ ଏହା ମିଶିଯାଏ, ଆମେ କିଛି ବୁଝିପାରିଥାଉ ଓ ଏହାର ଅର୍ଥ ପ୍ରକାଶ କରି ପାରିଥାଉ। ଏପରି ଭାବରେ କହିଲେ, ବାହ୍ୟ ଉଦ୍ଦୀପକ ସହିତ ଆଭ୍ୟନ୍ତରୀଣ ଭାବନା ମିଳିତ ହୋଇ 'ଅର୍ଥ' ବାହାରିଥାଏ।

ଆମେ ଯେତେବେଳେ କୌଣସି ଶବ୍ଦକୁ ସଂପୂର୍ଣ୍ଣ ରୂପେ ଶୁଣି ନପାରୁ କିମ୍ବା ଜଣକର ହସ୍ତାକ୍ଷରକୁ ସଂପୂର୍ଣ୍ଣ ଭାବେ ପଢିନପାରୁ ସେତେବେଳେ କ'ଣ ହୁଏ ଭାବ। ପରିଚିତ ବସ୍ତୁଗୁଡ଼ିକର ଭିନ୍ନ ଦିଗରୁ କିମ୍ବା ଅତି ନିକଟରୁ ଉଠାଯାଇଥିବା ଫଟୋ ଭଳି **ଭିଜୁଆଲ୍ ପଜଲ୍** ବା ଦୃଶ୍ୟ ପହେଳି କଥା ଚିନ୍ତାକର: ସେହି ମିଳନ ବା ସଂପର୍କ ପ୍ରତିଷ୍ଠା ହୋଇଯିବା ମାତ୍ରେ, ଫଟୋଟି କାହାର ସହଜରେ ଜାଣିହୁଏ। ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ଆମେ ବିବ୍ରତ ଅବସ୍ଥାରେ ରହିଥାଉ: ଫଟୋର ରଙ୍ଗ ଓ ଆକୃତିକୁ ଆମେ ଦେଖି ପାରୁଥିଲେ ମଧ୍ୟ ଆମେ କ'ଣ ଚିନ୍ତାକରୁଥାଉ ତାହା କହି ପାରୁନଥାଉ କାରଣ **ପରସେପ୍ସନ୍** ବା ବିଚାରବୋଧ ସହିତ ସବୁବେଳେ କିଛି ବୁଝିବା ଓ ସଂଗଠିତ କରିବାର ଆଗ୍ରହ ଜଡ଼ିତ ହୋଇ ରହିଥାଏ।

ଆମେ ଯାହା ବୁଝୁ ତାହାର ଅର୍ଥ ପ୍ରକାଶ କରିବାରେ ବିଫଳତା, ଆମକୁ ଏକ ଅଜ୍ଞାନ ଅବସ୍ଥାକୁ ନେଇଯାଏ। ଏହି ମ୍ୟାଚିଂ ବା ମିଳାଇବାର ପ୍ରକ୍ରିୟା ଆମ ସଂସ୍କୃତି ଦ୍ୱାରା ନିୟନ୍ତ୍ରିତ, ଆମ ସାଂସ୍କୃତିକ ଅନୁଭୂତିର ଫଳସ୍ୱରୂପ ଆମର ଆଭ୍ୟନ୍ତରୀଣ ଧାରଣା ବା ଚିନ୍ତନର ଗଠନଶୈଳୀ ବିକଶିତ ହୋଇଥାଏ।

ଏହାର ଅର୍ଥ ହେଲା, ଭିନ୍ନ ସଂସ୍କୃତିର ଲୋକେ ବାସ୍ତବତାକୁ ଭିନ୍ନ ଢଙ୍ଗରେ ବୁଝିଥାନ୍ତି। ତେଣୁ **ପରସେପ୍ସନ୍** ବା ବିଚାରବୋଧ କେବଳ ବ୍ୟକ୍ତି ଭିତରେ ସଂଘଟିତଏକ ମନୋବୈଜ୍ଞାନିକ ପ୍ରକ୍ରିୟା ନୁହେଁ ଏହା ମଧ୍ୟ ସଂସ୍କୃତିର ଏକ ପ୍ରସଙ୍ଗ।

**୨. ଭର୍ଟିକାଲ୍ ଡାଇମେନ୍‌ସନ୍:** ଆମେ ଏବେ ଦ୍ୱିତୀୟ ପର୍ଯ୍ୟାୟକୁ ଏବଂ **ଭର୍ଟିକାଲ୍ ଡାଇମେନ୍‌ସନ**କୁ ଗତି କରୁଛେ। **ପର୍‌ସେପ୍ଟ ଇଏଲ୍** ଯେତେବେଳେ ସଙ୍କେତ **ଇ** କୁ ବା

ଗର୍ବନରଙ୍କ କୋଡ୍‌ର **ଏସ୍‌ଇ**କୁ ରୂପାନ୍ତରିତ ହୁଏ ସେତେବେଳେ ଏହା ଘଟିଥାଏ। ସାଧାରଣତଃ ଆମେ ଯାହାକୁ ବାର୍ତ୍ତା କହୁ ତାହା ହେଉଛି ଘଟଣା ସଂପର୍କିତ ସଂକେତ ବା ବିବୃତି।

ଏହି ବାର୍ତ୍ତାକୁ ପ୍ରକାଶ କରୁଥିବା **ସର୍କଲ୍**/ଗୋଲକକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଏଠାରେ **ଏସ୍** ହେଉଛି ସିଗ୍‌ନାଲ୍/ ସଂକେତ ବା ଏହା ଗ୍ରହଣ କରୁଥିବା ରୂପ ଏବଂ **ଇ** ବିଷୟବସ୍ତୁକୁ ବୁଝାଏ। ଏହା ସୁସ୍ପଷ୍ଟ ଯେ, ପ୍ରଦାନ କରାଯାଇଥିବା ବିଷୟବସ୍ତୁ ବା **ଇ** କୁ ଏକାଧିକ ଉପାୟରେ ଜଣାଇ ଦିଆଯାଇପାରେ - ଏଥିପାଇଁ ରହିଥିବା ଅନେକ ସମ୍ଭାବ୍ୟ ଉପାୟରୁ ବାଛିବାକୁ ପଡ଼ିବ।

ଯୋଗାଯୋଗର ଅନ୍ୟତମ କଷ୍ଟକର କାର୍ଯ୍ୟ ହେଉଛି ପ୍ରଦାନ କରାଯାଇଥିବା ବିଷୟବସ୍ତୁ ବା **ଇ** ପାଇଁ ସର୍ବଶ୍ରେଷ୍ଠ **ଏସ୍** ପାଇବା। ଆହୁରି ମଧ୍ୟ ମନେ ରଖିବା ଉଚିତ ଯେ, **ଏସ୍‌ଇ** ଦୁଇଟି ଅଲଗା କ୍ଷେତ୍ରକୁ ଏକାଠି କରି ଯୋଡ଼ିବା ନୁହେଁ ବରଂ ଏହା ଏକ ମିଳିତ ରୂପରେଖ। ଏଥିରେ **ଇ** ର ଉପସ୍ଥାପନାକୁ ଚୟନୀକୃତ **ଏସ୍** ନିଶ୍ଚିତ ରୂପେ ପ୍ରଭାବିତ କରେ- **ଫର୍ମ**/ ରୂପରେଖ ଓ **କଣ୍ଟେଟ୍**/ ବିଷୟବସ୍ତୁ ମଧ୍ୟରେ ଥିବା ସଂପର୍କ **ଡାଇନାମିକ୍**/ ପରିବର୍ତ୍ତନଶୀଳ ଓ **ଇଣ୍ଟରାକ୍ଟିଭ୍**/ ପରସ୍ପର ସହ ସଂପର୍କିତ। ବିଷୟବସ୍ତୁର ଧାରଣା କେବଳ ରୂପରୁ ମିଳିପାରେ ନାହିଁ : ଆଇ ଏ ରିଚାର୍ଡସ ଯେପରି ବେଳେବେଳେ କହିଛନ୍ତି, **'ଭଲ୍‌ଗାର୍ ପ୍ୟାକେଜିଂ ଅଫ୍ କମ୍ୟୁନିକେସନ୍'** ବା 'ଯୋଗାଯୋଗର ଅସୁନ୍ଦର ଉପସ୍ଥାପନା'। **କମ୍ୟୁନିକେସନ୍ ସିଦ୍ଧାନ୍ତ** ବା ଯୋଗାଯୋଗ ମତବାଦକୁ ସମାଲୋଚନା କରିବା ପାଇଁ ରିଚାର୍ଡସ୍ ଆଳଙ୍କାରିକ ଖଣ୍ଡବାକ୍ୟର ବ୍ୟବହାର କରିଛନ୍ତି। ତାଙ୍କ ମତରେ, ସାନନ୍ ଓ ୱିଭରଙ୍କ ମଡେଲ୍ ସୂଚାଏ ଯେ, ବାର୍ତ୍ତାର ମୂଳପିଣ୍ଡଟି ସ୍ୱାଧୀନ ଭାବେ ରହିଥାଏ। ଏହାକୁ ଏନ୍‌କୋଡ୍ କରାଯାଏ ଅର୍ଥାତ୍ ପଠାଯିବା ପାଇଁ ଉଦ୍ଦିଷ୍ଟ ପାର୍ସଲ୍ ଭଳି ଏଥିରେ ଭାଷାର ଖୋଳ ଲାଗେ। ରିସିଭର୍ ବା ପ୍ରାପକ ଏହାକୁ ଡିକୋଡ୍ କରେ ବା ଖୋଳ ଖୋଲି ଭିତରେ ଥିବା ବାର୍ତ୍ତାଟିକୁ ପାଏ। ବାର୍ତ୍ତାଟି **'ଏନ୍‌କୋଡ୍ ହେବା'** ବା ଅନୁମେୟ ହେବା ପୂର୍ବରୁ ଏହାର ଅର୍ଥ ଜଣା ପଡ଼ିଯାଏ – ଏହି ଧାରଣାକୁ ସେ ଅଗ୍ରାହ୍ୟ କରିଥିଲେ।

**ଆର୍ଟିକ୍ୟୁଲେସନ୍** ବା ଅନୁମାନ ଏକ ସୃଜନଶୀଳ ପ୍ରକ୍ରିୟା। ଏଥିପାଇଁ କୌଣସି ପ୍ରଚଳିତ ଧାରଣା ବା ମନ୍ତବ୍ୟର ଏନ୍‌କୋଡ୍ କରାଯିବା ନୁହେଁ, ଅନୁମାନ ବା ପରିକଳ୍ପନାର ଏକ ଆଗ୍ରହ ବା ଆବଶ୍ୟକତା ଥିବା ଦରକାର। ଅନ୍ୟ ଭାଷାରେ କହିଲେ ସ୍ୱରୂପ ପୂର୍ବରୁ ବିଷୟବସ୍ତୁର ଅସ୍ତିତ୍ୱ ନଥାଏ, ଏବଂ ସ୍ୱରୂପ ଓ ବିଷୟବସ୍ତୁ ମଧ୍ୟରେ ପାର୍ଥକ୍ୟ ଚିହ୍ନଟ ଉଦ୍ୟମ ଏକ ସନ୍ଦେହଜନକ ପ୍ରୟାସ। **ହୋରିଜଣ୍ଟାଲ୍ ଡାଇମେନ୍‌ସନ୍** ଭଳି **ଭର୍ଟିକାଲ୍ ବା କମ୍ୟୁନିକେଟିଂ ଡାଇମେନ୍‌ସନ୍**ରେ ମଧ୍ୟ ଚୟନ ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ, **'ମିନ୍‌ସ୍'**/ଉପାୟ -ଯୋଗାଯୋଗର ମାଧ୍ୟମ ଓ ଚ୍ୟାନେଲ୍ ଚୟନ। ଏହାପରେ **ପର୍‌ସେପ୍ଟ ଇଏଲ୍** ମଧ୍ୟରେ ଚୟନ। **ଇ** ପ୍ରତି **ଇଏଲ୍** କଦାପି ସଂପୂର୍ଣ୍ଣ ଓ ସାମଗ୍ରିକ ପ୍ରତିକ୍ରିୟା ହୋଇନଥିବାବେଳେ **ଇଏଲ୍** ସଂପର୍କିତ ସଂକେତ ବା ସିଗ୍‌ନାଲ୍ ମଧ୍ୟ କେବେ ପୂର୍ଣ୍ଣତା ବା ସାମଗ୍ରିକତା ପାଇ ପାରିନଥାଏ। **ସିଲେକ୍ସନ୍**/ଚୟନ ଓ **ଡିଷ୍ଟର୍ସନ୍**/ବିକୃତି ସୃଷ୍ଟି ହୋଇଥାଏ। ଏହି **ଡାଇମେନ୍‌ସନ** ପଛରେ ଥିବା ମୌଳିକ ଧାରଣା ଗୁଡ଼ିକ ମଧ୍ୟରେ ଗଣମାଧ୍ୟମ ଓ ଯୋଗାଯୋଗ ମାଧ୍ୟମ ଉପଲବ୍ଧ ହେବାର ଧାରଣା ମଧ୍ୟ

ଅନ୍ତର୍ଭୁକ୍ତ। ଗଣମାଧ୍ୟମ କାହା ପାଇଁ ଉପଲବ୍ଧ ?- ଏହା ଏବେ ଟେଲିଭିଜନ ଓ ସମାଜର ସଂପର୍କକୁ ନେଇ ଚାଲିଥିବା ବିତର୍କର ଏକ ଜ୍ୱଳନ୍ତ ପ୍ରସଙ୍ଗ।

ଏହି ମଡେଲ୍‌ର ହୋରିଜଣ୍ଟାଲ୍ ଡାଇମେନ୍‌ସନ ଆମକୁ କହେ ଯେ, ଟେଲିଭିଜନ୍‌ର **ଇଏଲ୍** ଏହି **ଇ** ର ଏକ ଚୟନ ହେବା ଆବଶ୍ୟକ। ତେଣୁ ଚୟନକର୍ତ୍ତା ଓ ବିଶ୍ୱର କାହାର ଛବି ପ୍ରସାରିତ ହେବ ବା **ଏସ୍‌ଇ**ର ସର୍ବାଧିକ ଗୁରୁତ୍ୱ ରହିଛି। ଶିଳ୍ପ ସଂପର୍କିତ ଖବର ପରିଚାଳନାବେଳେ ଟେଲିଭିଜନ ସବୁବେଳେ ମଧ୍ୟବର୍ଗ ଓ ମାଲିକଙ୍କୁ ସୁହାଇବା ଭଳି ମତମନ୍ତବ୍ୟର ପ୍ରତିନିଧିତ୍ୱ କରିଥାଏ ବୋଲି ଟ୍ରେଡ୍ ୟୁନିୟନ୍‌ଗୁଡ଼ିକର ଦାବି କରନ୍ତି, ଯାହାର କିଛି ଯଥାର୍ଥତା ମଧ୍ୟ ରହିଛି। ଏହା ଯେ ସଂପୂର୍ଣ୍ଣ ଉଦ୍ଦେଶ୍ୟମୁଳକ ତା ନୁହେଁ, କିନ୍ତୁ ଏହି ତଥ୍ୟ ଅନୁଯାୟୀ ଆମେ ବୁଝିପାରିବା ଯେ ଟେଲିଭିଜନ ବ୍ୟକ୍ତିତ୍ୱମାନେ ସାଧାରଣତଃ ଶ୍ରମିକ ତୁଳନାରେ ମାଲିକମାନଙ୍କର ସ୍ତର, ସଂସ୍କୃତି ଓ ଶିକ୍ଷାଗତ ଯୋଗ୍ୟତା ଆଡ଼କୁ ଢଳିଯାଆନ୍ତି। ତେଣୁ ସେମାନଙ୍କ **ଇଏଲ୍** ପ୍ରାକୃତିକ ଭାବେ ମ୍ୟାନେଜର୍ ବା ପରିଚାଳକମାନଙ୍କ ଭଳି ସମାନ **ଇ** ଚୟନ-କଳାକୁ ଆପଣାଇଥାଏ।

ଏହି ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ପାଇଁ, ଆମେ ପୁଣି ହୋରିଜଣ୍ଟାଲ୍ ଡାଇମେନ୍‌ସନ୍‌କୁ ଫେରିବା। କିନ୍ତୁ ବାସ୍ତବରେ ଏଠାରେ, **ରିସିଭର୍/**ପ୍ରାପକ **ଏମ୍୨** ଯାହା ବୁଝନ୍ତି ତାହା ଇଭେଣ୍ଟ୍ ବା ଘଟଣା **ଇ** ସହ ସମାନ ନ ହୋଇ ବରଂ ଘଟଣା ସଂପର୍କିତ ଏକ ସଂକେତ ବା ବିବୃତ୍ତି ବା **ଏସ୍ଇ** ହୋଇଥାଏ। ପ୍ରଥମ ପର୍ଯ୍ୟାୟରେ ଆମେ ଦେଖିଥିବା ପ୍ରକ୍ରିୟା ଭଳି ସମାନ ପ୍ରକ୍ରିୟା ବ୍ୟବହୃତ ହୋଇଥାଏ ଏବଂ ଏଠାରେ ପୁଣି ଉଲ୍ଲେଖ କରିବା ଉଚିତ ହେବ ଯେ, ବାର୍ତ୍ତାର ଅର୍ଥଟି ବାର୍ତ୍ତା ଭିତରେ 'ସନ୍ନିବେଶିତ' ହୋଇ ନଥାଏ ବରଂ ବାର୍ତ୍ତା ଓ ପ୍ରାପକ ମଧ୍ୟରେ ସଂଘାତ ଓ ଭାବବିନିମୟରୁ ବାର୍ତ୍ତାର ଅର୍ଥ ବାହାରିଥାଏ। **ଏସ୍ଇ** ପାଇଁ **ଏମ୍୨,** ତାଙ୍କ ସଂସ୍କୃତି ବା ଉପସଂସ୍କୃତିରୁ ସୃଷ୍ଟି ହୋଇଥିବା କେତେକ ଉପାଦେୟତା ଓ ଧାରଣା ସୃଷ୍ଟି କରେ, ଯେତେଦୂର ପର୍ଯ୍ୟନ୍ତ ସେମାନେ **ଏସ୍‌ଇ**କୁ ସେଗୁଡ଼ିକ ସହ ଯୋଡ଼ିପାରନ୍ତି, ସେମାନେ ବାର୍ତ୍ତାର ଅର୍ଥ ବୁଝି ପାରନ୍ତି। କେବଳ ବାର୍ତ୍ତାଟିରୁ ଅନେକ ଅର୍ଥ ସୃଷ୍ଟି ହେବାର ସମ୍ଭାବନା ଅଛି ବୋଲି ଧରାଯାଇପାରେ।

## ୨.୭: ଆସ ପ୍ରଗତି ମାପିବା

୧. ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ନମୁନା କ'ଣ ?

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୨. ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ନମୁନାର ୫ଟି ମୌଳିକ ଉପାଦାନ ସଂପର୍କରେ ଆଲୋଚନା କର।

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୩. ଲାସ୍‌ୱେଲ୍‌ଙ୍କ ଯୋଗାଯୋଗ ନମୁନା ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୪. ଲାସ୍‌ୱେଲ୍‌ଙ୍କ ଯୋଗାଯୋଗ ନମୁନାର ଉପକାରୀତା ଓ ଦୁର୍ବଳତାଗୁଡ଼ିକ କ'ଣ ?

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୫. ଓସ୍‌ଗୁଡ୍-ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନାର ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୬. ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନାର ବିଭିନ୍ନ ଉପାଦାନଗୁଡ଼ିକ କ'ଣ ?

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୭. ସ୍କ୍ରାମ୍‌ଙ୍କ ଯୋଗାଯୋଗ ନମୁନାର କାର୍ଯ୍ୟକାରିତା ବୁଝାଅ।

-----------------------------------------------------------------------------------------------

-----------------------------------------------------------------------------------------------

-----------------------------------

୮.  ଫିଲ୍ଡ୍ ଅଫ୍ ଏକ୍ସପେରିଏନ୍ସ କ'ଣ ?

---------------------------------------------------------------------------------

---------------------------------------------------------------------------------

------------------------------

୯.  ସ୍କ୍ରାମ୍ଙ୍କ ଯୋଗାଯୋଗ ନମନାର ଉପକାରୀତା ଓ ଦୁର୍ବଳତାଗୁଡ଼ିକ କ'ଣ ?

---------------------------------------------------------------------------------

---------------------------------------------------------------------------------

------------------------------

୧୦.  ଗର୍ବନରଙ୍କ ଯୋଗାଯୋଗ ନମୁନା ଓ ଏହାର ସ୍ୱରୂପ ସଂପର୍କରେ ଆଲୋଚନା କର ।

---------------------------------------------------------------------------------

---------------------------------------------------------------------------------

------------------------------

## ୟୁନିଟ୍- ୩: ଯୋଗାଯୋଗର ବିଭିନ୍ନ ମଡେଲ୍: ବର୍ଲୋଙ୍କ ମଡେଲ୍, ସାନନ୍ ଓ ୱିଭର୍‌ଙ୍କ ମଡେଲ, ଡିଫ୍ଲିୟର୍‌ଙ୍କ ମଡେଲ୍, କାଜ୍ ଓ ଲାଜରଫେଲ୍‌ଡଙ୍କ ଟୁ-ଷ୍ଟେପ୍ ଫ୍ଲୋ ମଡେଲ୍

୩.୦: ବିଷୟର ଗଠନ
- ୩.୧: ପଠନର ଉଦ୍ଦେଶ୍ୟ
- ୩.୨: ବିଷୟ ପରିଚୟ
- ୩.୩: ବେର୍ଲୋଙ୍କ ଏସ୍‌ଏମ୍‌ସିଆର୍ ଯୋଗାଯୋଗ ନମୁନା
  - ୩.୩.୧: ବେର୍ଲୋଙ୍କ ଯୋଗାଯୋଗ ନମୁନାର ବିଭିନ୍ନ ଉପାଦାନ
  - ୩.୩.୨: ବେର୍ଲୋଙ୍କ ଏସ୍‌ଏମ୍‌ସିଆର୍ ଯୋଗାଯୋଗ ନମୁନାର ସମାଲୋଚନା
- ୩.୪: ସାନନ୍ ଓ ୱିଭର୍‌ଙ୍କ ଯୋଗାଯୋଗ ନମୁନା
- ୩.୫: ଡିଫ୍ଲିୟର୍‌ଙ୍କ ଯୋଗାଯୋଗ ନମୁନା
  - ୩.୫.୧: ଡିଫ୍ଲିୟର୍‌ଙ୍କ ଯୋଗାଯୋଗ ନମୁନାର ରୂପରେଖ
  - ୩.୫.୨: ଡିଫ୍ଲିୟର୍‌ଙ୍କ ଯୋଗାଯୋଗ ମଡେଲ୍‌ର ସିଦ୍ଧାନ୍ତ
  - ୩.୫.୩: ସାନନ୍ ଓ ୱିଭର୍‌ଙ୍କ ନମୁନା ସହ ତୁଳନା
- ୩.୬: ଏଲିହୁ କାଜ୍ ଓ ପଲ୍ ଲାଜରଫେଲ୍‌ଡଙ୍କ ଯୋଗାଯୋଗର ଟୁ ଷ୍ଟେପ୍ ଫ୍ଲୋ ସିଦ୍ଧାନ୍ତ
  - ୩.୬.୧: ଜନମତ ସୃଷ୍ଟିକାରୀ ଧାରଣା
  - ୩.୬.୨: ଟୁ ଷ୍ଟେପ୍ ଫ୍ଲୋ ନମୁନାର ସମାଲୋଚନା
- ୩.୪: ଆସ ପ୍ରଗତି ମାପିବା

### ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ପଢି ସାରିବା ପରେ , ଆମେ ଯୋଗାଯୋଗର କେତେକ ନମୁନା ସଂପର୍କରେ ପଢିବା। ସେଗୁଡ଼ିକ ହେଲା:- ବେର୍ଲୋଙ୍କ ମଡେଲ୍, ସାନନ୍-ୱିଭର୍‌ଙ୍କ ମଡେଲ୍, ଡିଫ୍ଲିୟର୍‌ଙ୍କ ମଡେଲ୍ ଏବଂ କାଜ୍-ଲାଜରଫେଲ୍‌ଡଙ୍କ ଟୁ ଷ୍ଟେପ୍ ଫ୍ଲୋ ମଡେଲ୍। ଆମେ ମଧ୍ୟ ଏସବୁ ମଡେଲ୍‌ର ଦୁର୍ବଳତା ଓ ସମାଲୋଚନା ବିଷୟରେ ପଢିବା। କେତେକ ନମୁନାରୁ କିଛି ନୂଆ ଧାରଣା ଓ ପଦ (କି ଟର୍ମ) ଜାଣିବାକୁ ମିଳିବ, ଆମେ ସେଗୁଡ଼ିକର ଗୁରୁତ୍ୱ ସଂପର୍କରେ ଶିକ୍ଷା କରିବା।

### ୩.୨: ବିଷୟ ପରିଚୟ

ଏହି ଅଧ୍ୟାୟରେ କେତେକ ସରଳରୈଖୀୟ ଯୋଗାଯୋଗ ବିଷୟ ରହିଛି। ଏଠାରେ ଗୋଟିଏ ସରଳ ନମୁନା ଯୋଗାଯୋଗର ବିଭିନ୍ନ ସିଦ୍ଧାନ୍ତ ପାଇଁ ବାଟ ଫିଟାଇଛି। ଏହି ମଡେଲ୍‌ଗୁଡ଼ିକ ଉଭୟ ମାନବୀୟ ଯୋଗାଯୋଗ ଅଧାପକ ଓ ସୂଚନାର ମତବାଦ ପ୍ରଣେତାମାନଙ୍କୁ ଆକର୍ଷିତ କରିଥାଏ ଏବଂ ଯୋଗାଯୋଗ କ୍ଷେତ୍ରରେ ଉଚ୍ଚତର ଗବେଷଣା ପାଇଁ ସେମାନଙ୍କୁ ସାହାଯ୍ୟ କରିଥାଏ।

## ୩.୩: ବେର୍ଲୋଙ୍କ ଯୋଗାଯୋଗର ଏସ୍‌ଏମ୍‌ସିଆର୍ ନମୁନା

ସାନନ୍ ଓ ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍ (୧୯୪୯)ରୁ ଡେଭିଡ୍ ବେର୍ଲୋ ୧୯୬୦ରେ ବେର୍ଲୋଙ୍କ ସେଣ୍ଡର୍-ମେସେଜ୍-ଚ୍ୟାନେଲ୍-ରିସିଭର୍ (ଏସ୍‌ଏମ୍‌ସିଆର୍) ବା ପ୍ରେରକ-ବାର୍ତ୍ତା-ମାଧ୍ୟମ-ପ୍ରାପକ ନମୁନା ସୃଷ୍ଟି କଲେ। ତାଙ୍କ ମତରେ, ଯୋଗାଯୋଗ ବେଳେ ବ୍ୟକ୍ତିଗତ ଉପାଦାନଗୁଡ଼ିକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ଯୋଗାଯୋଗକୁ ଅଧିକ ଦୃଢ କରେ।

ବେର୍ଲୋଙ୍କ ମଡେଲ୍‌ରେ ମୌଳିକ ଭାବେ ଯୋଗାଯୋଗ ପ୍ରକ୍ରିୟାର ବର୍ଣ୍ଣନା କରିବା ପାଇଁ ୪ଟି ଉପାଦାନ ରହିଛି। ସେମାନେ ହେଲେ ସେଣ୍ଡର୍, ମେସେଜ୍, ଚ୍ୟାନେଲ୍ ଓ ରିସିଭର୍ ବା ପ୍ରେରକ, ବାର୍ତ୍ତା, ମାଧ୍ୟମ ଓ ପ୍ରାପକ। ପ୍ରେରକ ବାର୍ତ୍ତା ପ୍ରେରଣ କରିବା ପୂର୍ବରୁ ଏବଂ ପ୍ରାପକ ବାର୍ତ୍ତା ପାଇବା ପୂର୍ବରୁ ସଂଘଟିତ ଏନ୍‌କୋଡିଂ ଓ ଡିକୋଡିଂ ଉପରେ ତାଙ୍କ ମଡେଲ୍ ବିଶେଷ ନଜର ଦିଏ। ଆମେ ବେର୍ଲୋଙ୍କ ମଡେଲ୍‌ର ଉପାଦାନଗୁଡ଼ିକ ସଂପର୍କରେ ବିଶଦ ଭାବେ ପଢିବା।




**ବେର୍ଲୋଙ୍କ ଯୋଗାଯୋଗ ମଡେଲ୍**
**ଚିତ୍ର- ୩.୧**

### ୩.୩.୧ ବେର୍ଲୋଙ୍କ ଯୋଗାଯୋଗ  ମଡେଲ୍‌ର ବିଭିନ୍ନ ଉପାଦାନ

**୧.  ଏସ୍ – ସେଣ୍ଡର୍ ବା ପ୍ରେରକ।**

ପ୍ରେରକ ହେଉଛନ୍ତି ବାର୍ତ୍ତାର ଉତ୍ସ ବା ଯିଏ ବାର୍ତ୍ତାଟିକୁ ସୃଷ୍ଟି କରନ୍ତି। ଉତ୍ସ ବାର୍ତ୍ତାଟିକୁ ପ୍ରାପକ ପାଖକୁ ପଠାଏ। ପ୍ରେରକ ସହ ଜଡ଼ିତ କାରଣଗୁଡ଼ିକ ମଧ୍ୟ ପ୍ରାପକ ପାଇଁ ପ୍ରଯୁଜ୍ୟ। ସେଗୁଡ଼ିକ ଏଠାରେ ଦିଆଗଲା:-

**କ) ଯୋଗାଯୋଗ ଦକ୍ଷତା:** ଜଣେ ବ୍ୟକ୍ତିର ଯୋଗାଯୋଗ ଦକ୍ଷତା ଯୋଗାଯୋଗକୁ ପ୍ରଭାବିତ କରିଥାଏ। ଯଦି ପ୍ରେରକଙ୍କର ଉତ୍ତମ ଯୋଗାଯୋଗ ଦକ୍ଷତା ଥାଏ ତେବେ ବାର୍ତ୍ତାଟି ସହଜରେ ଯୋଗାଯୋଗ ହୋଇ ପାରିଥାଏ। ସେହିପରି ଯଦି ପ୍ରାପକ ବାର୍ତ୍ତାଟିକୁ ବୁଝିପାରେ ନାହିଁ, ତେବେ ଯୋଗାଯୋଗ ଦକ୍ଷତା ମଧ୍ୟ କାମ ଦେବନାହିଁ। ଯୋଗାଯୋଗ ଦକ୍ଷତା ବା କୌଶଳଗୁଡ଼ିକ ମଧ୍ୟରେ କହିବା, ଉପସ୍ଥାପନ କରିବା, ପଢିବା, ଲେଖିବା, ଶୁଣିବା ଓ ଉଲ୍ଲେଖ କରିବାର ଦକ୍ଷତା ଅନ୍ତର୍ଭୁକ୍ତ।

**ଖ) ଦୃଷ୍ଟିଭଙ୍ଗୀ:** ପ୍ରେରକ ଓ ପ୍ରାପକଙ୍କ ଦୃଷ୍ଟିଭଙ୍ଗୀ ବାର୍ତ୍ତାରେ ପ୍ରଭାବ ସୃଷ୍ଟି କରେ। ବ୍ୟକ୍ତିଙ୍କର ନିଜ ପ୍ରତି, ପ୍ରାପକ ଓ ପରିବେଶ ପ୍ରତି ଦୃଷ୍ଟିଭଙ୍ଗୀ ବାର୍ତ୍ତାର ଅର୍ଥ ଓ ପ୍ରଭାବକୁ ବଦଳାଇଦିଏ।

**ଗ)ଜ୍ଞାନ:** ବାର୍ତ୍ତାର ବିଷୟ ସହ ନିବିଡ଼ତା ବାର୍ତ୍ତାଟିକୁ ଅଧିକ ପ୍ରଭାବଶାଳୀ କରିଥାଏ। ବିଷୟବସ୍ତୁ ସଂପର୍କରେ ଜ୍ଞାନ ଯୋଗାଯୋଗକାରୀଙ୍କୁ ଅତି ସୁବିଧାରେ ବାର୍ତ୍ତା ପ୍ରେରଣ କରିବାରେ ସାହାଯ୍ୟ କରେ।

**ଘ) ସାମାଜିକ ବ୍ୟବସ୍ଥା:** ମୂଲ୍ୟବୋଧ, ବିଶ୍ୱାସ, ଆଇନ, ନିୟମ, ଧର୍ମ ଏବଂ ଅନେକ ସାମାଜିକ କାରଣ ପ୍ରେରକଙ୍କ ପ୍ରେରଣ ଉପାୟକୁ ପ୍ରଭାବିତ କରେ। ଏହା ବାର୍ତ୍ତା ବା ସମ୍ବାଦ ସୃଷ୍ଟିରେ ମଧ୍ୟ ଫରକ ପକାଏ।

**ଙ) ସଂସ୍କୃତି:** ସାଂସ୍କୃତିକ ବିଭେଦତା ବୃହତ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, କାରଣ ଗୋଟିଏ ସଂସ୍କୃତିର ଜଣେ ବ୍ୟକ୍ତି କୌଣସି ଆଚାରବ୍ୟବହାରରେ ଅପମାନିତ ବୋଧ କରିପାରେ ଯାହା କି ଭିନ୍ନ ସଂସ୍କୃତିରେ ଅତ୍ୟନ୍ତ ଗ୍ରହଣୀୟ ହୋଇଥାଏ।

**୨.  ଏମ୍ – ମେସେଜ୍ ବା ବାର୍ତ୍ତା**

ବାର୍ତ୍ତା ହେଉଛି ଏକ ସାମଗ୍ରୀ ଯାହା ପ୍ରେରକ ଦ୍ୱାରା ପ୍ରାପକ ପାଖକୁ ପଠାଯାଏ। ଏହା ସ୍ୱର, ଧ୍ୱନି, ଲେଖା, ଭିଡିଓ ବା ଅନ୍ୟ କୌଣସି ମାଧ୍ୟମ ହୋଇପାରେ। ବାର୍ତକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ନିମ୍ନରେ ଦିଆଗଲା:-

କ) **ବିଷୟବସ୍ତୁ**: ବାର୍ତ୍ତା ଭିତରେ ଥିବା ଜିନିଷ ହେଉଛି ବିଷୟବସ୍ତୁ। ବାର୍ତ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତକୁ ବିଷୟବସ୍ତୁ କୁହାଯାଏ।

ଖ) **ଉପାଦାନ:** ଏଗୁଡ଼ିକ ହେଉଛନ୍ତି ବିଷୟବସ୍ତୁ ସହ ଯୋଡ଼ି ହେଉଥିବା ଅଣ-ମୌଖିକ ଜିନିଷ ଯଥା:- ଭାବଭଙ୍ଗୀ, ଠାର ବା ସଙ୍କେତ ଓ ଭାଷା।

ଗ) **ଟ୍ରିଟ୍‌ମେଣ୍ଟ୍ ବା ଉପସ୍ଥାପନା**: ଏହା ହେଉଛି ବାର୍ତ୍ତାକୁ ପ୍ରାପକ ନିକଟରେ ପହଂଚାଇବାର ଉପାୟ। ଏହା ମଧ୍ୟ ପ୍ରାପକର ଫିଡ୍‌ବ୍ୟାକ୍ ବା ମତାମତକୁ ପ୍ରଭାବିତ କରିଥାଏ।

ଘ) **ଷ୍ଟ୍ରକ୍ଚର୍ ବା ରୂପରେଖ:** ବାର୍ତ୍ତାର ରୂପରେଖ କିମ୍ବା ଏହା ଯେପରି ଗଠିତ ହୋଇଥାଏ, ତାହା ବାର୍ତ୍ତାର କ୍ରିୟାଶୀଳତାକୁ ପ୍ରଭାବିତ କରିଥାଏ।

ଙ)**କୋଡ୍:** ବାର୍ତ୍ତା ଯେଉଁ ରୂପରେ ପଠାଯାଏ ତାହା ହେଉଛି କୋଡ୍। ଏହା ଭାଷା, ଲେଖା କିମ୍ବା ଭିଡିଓ ରୂପରେ ହୋଇପାରେ।

### ୪. ସି– ଚ୍ୟାନେଲ୍ ବା ମାଧ୍ୟମ:

ଏହା ହେଉଛି ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହୃତ ମାଧ୍ୟମ। ମୌଳିକ ଯୋଗାଯୋଗରେ ମନୁଷ୍ୟର ପାଞ୍ଚ ଇନ୍ଦ୍ରିୟ ସମ୍ବାଦ ପ୍ରବାହର ମାଧ୍ୟମ ସାଜେ ଓ ଏହା ମାଧ୍ୟମର କ୍ରିୟାଶୀଳତାକୁ ପ୍ରଭାବିତ କରିଥାଏ।

କ) ଶୁଣିବା- ଜଣେ ଶୁଣିବା ଦ୍ୱାରା ବାର୍ତ୍ତାକୁ ଗ୍ରହଣ କରିଥାଏ।

ଖ) ଦେଖିବା- ଆମେ ଦେଖିବା ଦ୍ୱାରା ଜାଣିପାରୁ। ଆମେ ମଧ୍ୟ ଅଣ-ମୌଖିକ ବାର୍ତ୍ତାଗୁଡ଼ିକୁ ଦେଖି ପାଇପାରୁ।

ଗ) ସ୍ପର୍ଶ କରିବା- ଅଣ-ମୌଖିକ ବାର୍ତ୍ତାଗୁଡ଼ିକ ମଧ୍ୟରୁ ଅନେକ ହାତ ଧରିବାରୁ ଆରମ୍ଭ ହୋଇଥାଏ।

ଘ) ଆଘ୍ରାଣ କରିବା- ଆମେ ଆଘ୍ରାଣ କରିବା ଦ୍ୱାରା ସୂଚନା ସଂଗ୍ରହ କରିପାରୁ।

ଙ)ଚାଖିବା- ସ୍ୱାଦ ମଧ୍ୟ ବାର୍ତ୍ତାରେ ପ୍ରେରଣ ହେବାକୁ ଥିବା ସୂଚନା ଯୋଗାଇ ଦିଏ।

### ୫. ଆର୍– ରିସିଭର୍ ବା ପ୍ରାପକ:

ଜଣେ ରିସିଭର୍ ବା ପ୍ରାପକ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଏହି ପ୍ରକ୍ରିୟାରେ ପଠାଯାଇଥିବା ବାର୍ତ୍ତାଟିକୁ ପାଇଥାନ୍ତି। ଏହାର ଚିନ୍ତନ ଶୈଳୀ ଓ ଉପରେ ଉଲ୍ଲେଖ କରାଯାଇଥିବା ବହୁ ଅନ୍ୟ କାରଣ ପ୍ରାପକର ଚିନ୍ତନ ଶୈଳୀ ସହିତ ମିଶିବା ଦରକାର। ପ୍ରେରକ ଓ ପ୍ରାପକ ଏକା ଭଳି ହୋଇ ନଥିଲେ ଇଚ୍ଛା କରାଯିବା ଭଳି ପ୍ରଭାବ ପଡ଼ି ନଥାଏ। ପ୍ରାପକଙ୍କର ମଧ୍ୟ ଉନ୍ନତ ଶ୍ରବଣ ଦକ୍ଷତା ଥିବା ଆବଶ୍ୟକ। ଅନ୍ୟ କାରଣଗୁଡ଼ିକ ପ୍ରେରକ ସହ ସମାନ, ଯଥା:-

କ) ଯୋଗାଯୋଗ ଦକ୍ଷତା

ଖ) ଦୃଷ୍ଟିଭଙ୍ଗୀ

ଗ) ଜ୍ଞାନ

ଘ) ସାମାଜିକ ବ୍ୟବସ୍ଥା

ଙ) ସଂସ୍କୃତି

### ୩.୩.୨ ବେର୍ଲୋଙ୍କ ଏସ୍ଏମ୍ସିଆର୍ ମଡେଲ୍ର ସମାଲୋଚନା

ଆମେ ଏବେ ବେର୍ଲୋଙ୍କ ଯୋଗାଯୋଗ ମଡେଲ୍ର ଦୁର୍ବଳତା ସଂପର୍କରେ ବୁଝିବା।

- ଏଥିରେ ଫିଡ୍ବ୍ୟାକ୍ର ଧାରଣା ନାହିଁ, ତେଣୁ ଏହାର ପ୍ରଭାବ ସଂପର୍କରେ ବିଚାର କରା ଯାଇନାହିଁ।
- ଯୋଗାଯୋଗ ପ୍ରକ୍ରିୟାରେ ନଏଜ୍ ବା କୌଣସି ପ୍ରକାରର ପ୍ରତିବନ୍ଧକ ସଂପର୍କରେ ଧାରଣା ନାହିଁ।
- ଏହା ଯୋଗାଯୋଗର ସରଳରୈଖୀୟ ମଡେଲ୍, ଦ୍ୱିପାକ୍ଷିକ ଯୋଗାଯୋଗ କଥା ନାହିଁ।
- ପ୍ରେରକ ଓ ପ୍ରାପକ ମଧ୍ୟରେ ଆଦୌ କୌଣସି ଭିନ୍ନତା ନଥିବା ଧରି ନିଆଯାଏ, ଉପରେ ବର୍ଣ୍ଣିତ କାରଣଗୁଡ଼ିକ ଯୋଗୁ ସେମାନେ ସମାନ ହେବା ଆବଶ୍ୟକ।

### ୩.୪: ସାନନ୍- ୱିଭର୍ଙ୍କ ଯୋଗାଯୋଗ ନମୁନା

୧୯୪୮ରେ ଆମେରିକୀୟ ଗଣିତଜ୍ଞ ତଥା ଇଲେକ୍ଟ୍ରୋନିକ୍ ଇଞ୍ଜିନିୟର୍ ସାନନ୍ ଏବଂ ୱିଭର୍ ମିଳିତ ଭାବେ **ବେଲ୍ ସିଷ୍ଟମ୍ ଟେକ୍ନିକାଲ୍ ଜର୍ନାଲ୍**ରେ **ଏ ମାଥ୍ମେଟିକାଲ୍ ଥିଓରୀ ଅଫ୍ କମ୍ୟୁନିକେସନ୍** ଶୀର୍ଷକରେ ଏକ ନିବନ୍ଧ ଲେଖିଥିଲେ ଯାହାକୁ ମଧ୍ୟ ସାନନ୍ ଓ ୱିଭର୍ଙ୍କ ଯୋଗାଯୋଗ ମଡେଲ୍ ବୋଲଇ କୁହାଯାଏ।

ପ୍ରେରକ ଓ ପ୍ରାପକ ମଧ୍ୟରେ ସଫଳ ଯୋଗାଯୋଗର ବିକାଶ ପାଇଁ ଏହି ମଡେଲ୍ ବିକଶିତ ହୋଇଥିଲା। ଯୋଗାଯୋଗ ପ୍ରକ୍ରିୟାରେ ପ୍ରତିବନ୍ଧକ ସଅଟେ଼ି କରୁଥିବା କାରକ- ନଏଜ୍-କୁ ମଧ୍ୟ ସେମାନେ ଠାବ କରିଥିଲେ। ପ୍ରଥମେ ବୈଷୟିକ ଯୋଗାଯୋଗର ଉନ୍ନତିକରଣ ପାଇଁ ଏହି ମଡେଲ୍ ବିକଶିତ ହୋଇଥିଲା। ପରେ ଯୋଗାଯୋଗ କ୍ଷେତ୍ରରେ ଏହା ବ୍ୟାପକ ଭାବେ ପ୍ରୟୋଗ ହେଲା। ଚ୍ୟାନେଲ୍ ନଏଜ୍, ସିମାଣ୍ଟିକ୍ ନଏଜ୍ ଓ ଫିଡ୍ବ୍ୟାକ୍ ଭଳି ୩ଟି ଉପାଦାନ ଉପରେ ଏହି ମଡେଲ୍ର ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା। ବାର୍ତ୍ତା ପ୍ରସାରଣ ସମୟରେ କୌଣସି ହସ୍ତକ୍ଷେପ ହେଉଛି ଚ୍ୟାନେଲ୍ ନଏଜ୍। ଯୋଗାଯୋଗକାରୀ କଠିନ ଶବ୍ଦ ବା ଅଜଣା ପଦ ବ୍ୟବହାର କରିବା ଯୋଗୁ ବାର୍ତ୍ତା ଯେତେବେଳେ ବୁଝିପହୁଏନା ବା ପ୍ରାପକ ବାର୍ତ୍ତାର ଉପଯୁକ୍ତ ଅର୍ଥ ଜାଣି ନପାରେ ତାହାକୁ ସିମାଣ୍ଟିକ୍ ନଏଜ୍ କୁହାଥାଏ। ବାର୍ତ୍ତାର ପ୍ରଭାବ ଓ ଉଦ୍ଦିଷ୍ଟ ବାର୍ତ୍ତାକୁ ଠିକ୍ରେ ବୁଝାପଡ଼ିବାର ଫଳାଫଳ ଆକଳନ ପାଇଁ ଫିଡ୍ବ୍ୟାକ୍ ହେଉଛି ତୃତୀୟ ଉପାଦାନ।




ଚିତ୍ର ୩.୨

ଏହି ନମୁନା ସୂଚନାର ଉତ୍ସ, ଟ୍ରାନ୍ସମିଟର୍, ନଏଜ୍, ଜ୍ୟାନେଲ୍, ମେସେଜ୍, ରିସିଭର୍, ଚ୍ୟାନେଲ୍, ସୂଚନା ପହଚିବା ସ୍ଥାନ, ଏନ୍‌କୋଡ୍ ଓ ଡିକୋଡ୍ ଭଳି ସ୍ଥଳ ଏନ୍‌କୋଡର୍ ଭଳି ଯୋଗାଯୋଗର ବିଭିନ୍ନ ଉପାଦାନ ସହ କାର୍ଯ୍ୟ କରିଥାଏ।

ସେଣ୍ଡର/ପ୍ରେରକ ହେଉଛନ୍ତି ବାର୍ତ୍ତା ସୃଷ୍ଟିକାରୀ ଅର୍ଥାତ ସୂଚନାର ଉତ୍ସ ହିଁ ଉଦ୍ଦିଷ୍ଟ ବାର୍ତ୍ତା ଚୟନ କରିଥାଏ। ଏନ୍‌କୋଡର୍ ହେଉଛି ଟ୍ରାନ୍ସମିଟର୍ ବା ପ୍ରସାରଣକାରୀ, ଯାହା ବାର୍ତ୍ତାକୁ ସିଗ୍ନାଲ୍ ବା ସଙ୍କେତରେ ରୂପାନ୍ତରିତ କରିଥାଏ। ପ୍ରେରକର ବାର୍ତ୍ତା ତରଙ୍ଗ କିମ୍ବା ବାଇନାରୀ ଡାଟା ଭଳି ସିଗ୍‌ନାଲ୍‌କୁ ରୂପାନ୍ତରିତ ହୁଏ ଫଳରେ ବାର୍ତ୍ତା କେବୁଲ୍ କିମ୍ବା ସାଟେଲାଇଟ୍ ଜରିଆରେ ପ୍ରାସାରଣଯୋଗ୍ୟ ହୋଇ ପାରେ। ଟେଲିଫୋନ୍‌ରେ ସ୍ୱରକୁ ତରଙ୍ଗ ସଙ୍କେତରେ ରୂପାନ୍ତରିତ କରାଯାଏ ଏବଂ ଏହା କେବୁଲ୍ ଜରିଆରେ ପ୍ରାସାରିତ ହୋଇଥାଏ। ଉତ୍ସରୁ **ଏନ୍‌କୋଡ୍** ହୋଇ ଆସିଥିବା ବାର୍ତ୍ତାକୁ ଡିକୋଡର୍ **ଡିକୋଡ୍** କରିଥାଏ।

ସେହି ବାଇନାରୀ ଡାଟା ବା ତରଙ୍ଗକୁ ରିସିଭର୍ ବାର୍ତ୍ତାରେ ରୂପାନ୍ତରିତ କରିଥାଏ ଯାହା କି ପ୍ରାପକ ପାଇଁ ସୁଗମ ଓ ବୋଧଗମ୍ୟ ହୋଇ ପାରିଥାଏ। ଏପରି ନ ହେଲେ, ପ୍ରାପକ ପ୍ରକୃତ ବାର୍ତ୍ତାଟିକୁ ପାଇ ପାରିବ ନାହିଁ ଏବଂ ଏହା ପ୍ରେରକ ଓ ପ୍ରାପକ ମଧ୍ୟରେ ସଫଳ ଯୋଗାଯୋଗରେ ଅସୁବିଧା ସୃଷ୍ଟି କରିବ।

ପ୍ରେରକ ଦ୍ୱାରା ପ୍ରେରିତ ବାର୍ତ୍ତା ଯାହା ପାଖକୁ ଆସିଥାଏ ତାହା ହେଉଛି ରିସିଭର୍। ରିସିଭର/ପ୍ରାପକ ଡିକୋଡ୍ ହୋଇଥିବା ବାର୍ତ୍ତା ଆଧାରରେ ପ୍ରେରକ ପାଖକୁ ତାଙ୍କର ମତାମତ / ଫିଡ୍‌ବ୍ୟାକ୍ ପଠାନ୍ତି। ଯଦି ନଏଜ୍ ଦ୍ୱାରା ବାର୍ତ୍ତାଟି ବିକର୍ଷିତ ହୁଏ ତେବେ ଏହା ପ୍ରେରକ ଓ ପ୍ରାପକ ମଧ୍ୟରେ ଯୋଗାଯୋଗର ପ୍ରବାହ ବା ଧାରାକୁ ପ୍ରଭାବିତ କରିଥାଏ।

'ନଏଜ୍' ହେଉଛି ପ୍ରସାରିତ ବାର୍ତ୍ତାରେ ବିକୃତି। ଚ୍ୟାନେଲ୍ ଜରିଆରେ ବାର୍ତ୍ତାଟି ଏନ୍‌କୋଡର୍ ଠାରୁ ଡିକୋଡର୍ ପର୍ଯ୍ୟନ୍ତ ଯାଇଥାଏ। ଏହି ପ୍ରକ୍ରିୟାବେଳେ ଏନ୍‌କୋଡ୍ ହୋଇଥିବା ବାର୍ତ୍ତାଗୁଡ଼ିକ ବିଭିନ୍ନ ଭୌତିକ ଶବ୍ଦ ଯଥା: ଗାଡ଼ିର ହର୍ନ-ଶବ୍ଦ, ବଜ୍ରପାତ ଓ ଭିଡ଼ର ଶବ୍ଦ ଦ୍ୱାରା ବିକର୍ଷିତ ଓ ପ୍ରଭାବିତ ହୋଇ ଚ୍ୟାନେଲ୍‌ରେ ପ୍ରସାରଣଜନିତ ସମସ୍ୟା ସୃଷ୍ଟି କରିଥାନ୍ତି, ଯାହା ଫଳରେ ଯୋଗାଯୋଗର ଧାରାକୁ ପ୍ରଭାବିତ କରେ କିମ୍ବା ପ୍ରାପକ ପ୍ରକୃତ ବାର୍ତ୍ତା ପାଇ ପାରେନାହିଁ।

ଏହି ମଡେଲ୍ ସ୍ପଷ୍ଟ ଭାବେ କେବଳ ବାହାରୁ ବାର୍ତ୍ତା ବା ସଙ୍କେତକୁ ପ୍ରଭାବିତ କରୁଥିବା ବାହ୍ୟ ନଏଜ୍ ସହ ଜଡ଼ିତ। ଉଦାହରଣ- ନେଟୱାର୍କରେ ଯଦି କୌଣସି ସମସ୍ୟା ଦେଖାଦିଏ ତେବେ ମୋବାଇଲ୍ ଫୋନ୍ ଯୋଗାଯୋଗ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୁଏ କିମ୍ବା ବାର୍ତ୍ତା ବିକର୍ଷିତ ହୁଏ।

**ପ୍ରିନସିପଲ୍ ଅଫ୍ ରିଡନ୍‌ଡେନ୍‌ସି** ବା ଅଚଳ ହେବାର ନୀତି: ଉଭୟ ଗଣମାଧମ ଓ ଆନ୍ତଃବ୍ୟକ୍ତିଗତ ଯୋଗଯୋଗ ମାଧ୍ୟମରେ, ବାର୍ତ୍ତାର ମୁଖ୍ୟ ଧାରଣାଟି ପ୍ରାପ୍ତ ହେଲେ ସାଧାରଣତଃ **ଚ୍ୟାନେଲ୍ ନଏଜ୍** କମ୍ ହୁଏ। ଯୋଗାଯୋଗକାରୀ  ତାଙ୍କର ଶବ୍ଦଜ୍ଞାନକୁ ଅଡିଏନ୍‌ସଙ୍କ ରୁଚି ଓ ବୋଧଶକ୍ତି ସହିତ ଖାପ ଖୁଆଇ ନିଅନ୍ତି ତେବେ ସିମାଣ୍ଟିକ୍ ନଏଜ୍ ହ୍ରାସ ପାଏ। କିନ୍ତୁ ଉଦ୍ଦିଷ୍ଟ ଅର୍ଥର ଅନୁବାଦ ଉତ୍ସ ଓ ପ୍ରାପକ ମଧ୍ୟରେ ଫିଡ୍‌ବ୍ୟାକ୍ ଉପରେ ନିର୍ଭର କରିଥାଏ।

### ୩.୪.୧: ସାନନ୍- ୱିଭର୍ଙ୍କ ମଡେଲ୍ର ସମାଲୋଚନା

ନଏଜ୍ର ଧାରଣା ସୃଷ୍ଟି କରିଥିବା ସାନନ୍- ୱିଭର୍ଙ୍କ ନମୁନାର ଦୁର୍ବଳତା ସଂପର୍କରେ ବିଶଦ ଭାବେ ପଢିବା।

- ସଂଘ ବା ଗୋଷ୍ଠୀ ସାମୂହିକ ଅଡିଏନ୍ସ ତୁଳନାରେ ବ୍ୟକ୍ତି-ବ୍ୟକ୍ତି ଯୋଗାଯୋଗରେ ଏହା ଅଧିକ ସଫଳ।
- ଏହି ମଡେଲ୍ ପ୍ରେରକ ଓ ପ୍ରାପକ ଉପରେ ଆଧାରିତ। ଏଠାରେ ପ୍ରେରକ ପ୍ରତ୍ୟକ୍ଷ ଭୂମିକା ଓ ପ୍ରାପକ ପରୋକ୍ଷ (ସୂଚନା ପାଏ ବା ନିଷ୍କ୍ରିୟ) ଭୂମିକା ନିଭାଏ।
- ଯୋଗାଯୋଗ ଏକ ଏକମୁଖୀ ପ୍ରକ୍ରିୟା ନୁହେଁ। ଫିଡ୍ବ୍ୟାକ୍ର ଅନୁପସ୍ଥିତିରେ ଏହା ଗୋଟିଏ ଏକମୁଖୀ ଯୋଗାଯୋଗରେ ପରିଣତ ହେଲା।

## ୩.୫: ଡି ଫ୍ଲୁୟର୍ଙ୍କ ଯୋଗାଯୋଗ ନମୁନା

ମେଲ୍ଭିନ୍ ଲରେନ୍ସ ଡି ଫ୍ଲୁୟର୍ ହେଉଛନ୍ତି ଯୋଗାଯୋଗ ଏବଂ ସାମାଜିକ ମନୋବିଜ୍ଞାନ କ୍ଷେତ୍ରର ଜଣେ ପ୍ରଫେସର୍ ତଥା ଗବେଷକ। ଆମେରିକୀୟ ଜନଗୋଷ୍ଠୀଗୁଡ଼ିକ ମଧ୍ୟରେ ବାର୍ତ୍ତା କିପରି ସମ୍ମିଶ୍ରିତ ହୋଇଥାଏ ତା'ଉପରେ ସେ ପରୀକ୍ଷାମୂଳକ ଅନୁଧ୍ୟାନ 'ଏକ୍ସପେରିମେଣ୍ଟାଲ୍ ଷ୍ଟଡିଜ୍ ଅଫ୍ ଷ୍ଟିମୁଲସ୍ ରେସ୍ପନ୍ସ ରିଲେସନସିପ୍ସ ଇନ୍ ଲିଫ୍ଲେଟ୍ କମ୍ୟୁନିକେସନ୍' କରିଥିଲେ।

### ୩.୫.୧: ଡି ଫ୍ଲୁୟର୍ଙ୍କ ଯୋଗାଯୋଗ ମଡେଲ୍ର ସ୍ୱରୂପ

ସାନନ୍- ୱିଭର୍ଙ୍କ ଯୋଗାଯୋଗ ମଡେଲ୍କୁ ଆଧାର କରି ଡି ଫ୍ଲୁୟର୍ଙ୍କ ଯୋଗାଯୋଗ ମଡେଲ୍ ସୃଷ୍ଟି ହୋଇଛି। ଏହା ମୂଳତଃ ସାନନ୍- ୱିଭର୍ଙ୍କ ଯୋଗାଯୋଗ ମଡେଲ୍ର ଏକ ସଂପ୍ରସାରିତ ରୂପ। ଏହା ମଧ୍ୟ ୱେଷ୍ଟଲି ଓ ମ୍ୟାକ୍ଲିନ୍ଙ୍କ ଯୋଗାଯୋଗ ମଡେଲ୍କୁ ଆଧାର କରିଥାଏ ଯାହା ପ୍ରାପକଙ୍କ ଫିଡ୍ବ୍ୟାକ୍କୁ ସାମିଲ୍ କରି ବୃତ୍ତାକାର ଯୋଗାଯୋଗ ପ୍ରକ୍ରିୟା ସଂପର୍କରେ ବର୍ଣ୍ଣନା କରେ। ୱେଷ୍ଟଲି ଓ ମ୍ୟାକ୍ଲିନ୍ଙ୍କ ମଡେଲ୍ ହେଉଛି ଏକ ଦ୍ୱିମୁଖୀ ଯୋଗାଯୋଗ ଏବଂ ସେମାନେ **'ଲିନିୟର୍ ଫିଡ୍ବ୍ୟାକ୍'** ବା ସରଳରୈଖୀୟ ମତାମତ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସଂପର୍କରେ ସର୍ବପ୍ରଥମେ ଆଲୋକପାତ କଲେ। ଡି ଫ୍ଲୁୟର୍ ଏହି ଦୁଇଟି ଯାକ ମଡେଲ୍କୁ ମିଶାଇ ଦେଲେ ଓ ଏକ ନୂତନ ମଡେଲ୍ ସୃଷ୍ଟି କଲେ ଯାହାକୁ **ଡି ଫ୍ଲୁୟର୍ଙ୍କ ଯୋଗାଯୋଗ ମଡେଲ** କୁହାଯାଏ।




**ଡି ଫ୍ଲୁୟର୍‌ଙ୍କ ଗଣ ଯୋଗାଯୋଗ ବ୍ୟବସ୍ଥା ମଡେଲ**
**ଚିତ୍ର ୩.୩**

### ୩.୫.୨: ଡି ଫ୍ଲୁୟର୍‌ଙ୍କ ଯୋଗାଯୋଗ ନମୁନାର ସିଦ୍ଧାନ୍ତ

**ମାସ୍ ମିଡିଆ ଡିଭାଇସ୍** ବା ଗଣମାଧ୍ୟମ ଯନ୍ତ୍ରକୁ ଏଥିରେ ପୂରାଇ, ମେଲ୍‌ଭିନ୍ ଡି ଫ୍ଲୁୟର୍ କେବଳ ସାନନ୍-ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌କୁ ସଂପ୍ରସାରିତ କରିଛନ୍ତି। ସେ କୁହନ୍ତି ଯେ, ଯୋଗାଯୋଗ ପ୍ରକ୍ରିୟା ବୃତ୍ତାକାର ହେବା ସହିତ ଏହା ମଧ୍ୟ ସମ୍ଭାବ୍ୟ ଦ୍ୱିପାକ୍ଷିକ ଫିଡ୍‌ବ୍ୟାକ୍ ଦେଇଥାଏ। ଯୋଗାଯୋଗର ସାମଗ୍ରିକ ପ୍ରକ୍ରିୟା ଭିତରେଯେ କୌଣସି ସ୍ତରରେ **ନଏଜ୍** ସଂଘଟିତ ହୋଇପାରେ। **ସୋର୍ସ / ଉତ୍ସ, ଟ୍ରାନ୍ସମିଟର୍ / ପ୍ରସାରଣକାରୀ, ରିସିଭର୍ / ପ୍ରାପକ ଓ ଡେଷ୍ଟିନେସନ୍ / ଲକ୍ଷ୍ୟସ୍ଥଳ**କୁ ଡି ଫ୍ଲୁୟର୍ ଗଣ ଯୋଗାଯୋଗର ଭିନ୍ନ ଭିନ୍ନ ପର୍ଯ୍ୟାୟ ରୂପେ ଚିତ୍ରାୟିତ କରନ୍ତି। ଡି ଫ୍ଲୁୟର୍ ତାଙ୍କର ମଡେଲ୍‌କୁ 'ଫିଡ୍‌ବ୍ୟାକ୍ ଡିଭାଇସ୍' ବୋଲି କୁହନ୍ତି। ଏହି ଫିଡ୍‌ବ୍ୟାକ୍ ବ୍ୟବସ୍ଥା **ଟାର୍‌ଗେଟ୍ ଅଡିଏନ୍‌ସ** ବା ଉଦ୍ଦିଷ୍ଟ ପାଠକ/ଦର୍ଶକ (ପ୍ରାପକଙ୍କଠାରୁ ଭିନ୍ନ) ଙ୍କୁ ବିଶ୍ଳେଷଣ କରିବାରେ ସହାୟକ ହୋଇଥାଏ। ତେଣୁ ସମସ୍ତ ପ୍ରାପକଙ୍କୁ **ଟାର୍‌ଗେଟ୍ ଅଡିଏନ୍‌ସ** ବା ଉଦ୍ଦିଷ୍ଟ ପାଠକଦର୍ଶକ ରୂପେ ଧରା ଯାଏ ନାହିଁ କାରଣ **ଟାର୍‌ଗେଟ୍ ଅଡିଏନ୍‌ସ** କିଛି ନା କିଛି ଫିଡ୍‌ବ୍ୟାକ୍ ଦେଇଥାନ୍ତି ଯାହା କି **ଟାର୍‌ଗେଟ୍ ଅଡିଏନ୍‌ସ** ବା ଉଦ୍ଦିଷ୍ଟ ପାଠକଦର୍ଶକ ଚିହ୍ନଟ କରିବାରେ ସହାୟକ ହୋଇଥାଏ।

ଏହି ଯୋଗାଯୋଗ ନମୁନାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଡି ଫ୍ଲୁୟର୍ ଦ୍ୱିମୁଖୀ ଯୋଗାଯୋଗ ପ୍ରକ୍ରିୟାକୁ ସମର୍ଥନ କରନ୍ତି। ଏହା ହେଉଛି ଯୋଗାଯୋଗ ପ୍ରକ୍ରିୟାରେ **ଟାର୍‌ଗେଟ୍ ଅଡିଏନ୍‌ସ** ଓ ଦ୍ୱିପାକ୍ଷିକ ଯୋଗାଯୋଗ ସଂପର୍କର କହୁଥିବା ପ୍ରଥମ ମଡେଲ୍।

ଡି ଫ୍ଲୁୟର୍‌ଙ୍କ ମଡେଲ୍‌କୁ ବିଜ୍ଞାପନର କାର୍ଯ୍ୟକାରୀତା ରୂପରେ ଭଲ ଭାବେ ବର୍ଣ୍ଣନା କରି ହେବ। ବିଜ୍ଞାପନ କୌଶଳରେ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ବିକ୍ରି କରିବା ପାଇଁ ବାର୍ତ୍ତାକୁ ଆଡ୍ ଫିଲ୍ମ ବିଜ୍ଞାପନ ସିନେମା ବା ରୂପରେ ଏନ୍‌କୋଡ୍ କରାଯାଏ ଏବଂ ପରେ ଗଣଯୋଗାଯୋଗରେ ସଂପୃକ୍ତ ଏକ ଚ୍ୟାନେଲ୍ ଜରିଆରେ ଏହାର ପ୍ରସାରଣ କରାଯାଏ। ଅନ୍ୟ ପାର୍ଶ୍ୱରେ **ରିସିଭର୍** ବା ପ୍ରାପକ-ଯନ୍ତ୍ର (ଟିଭି ବା ରେଡିଓ) ବାର୍ତ୍ତାରେ ଥିବା ସୂଚନାକୁ ଡିକୋଡ୍ କରେ ଏବଂ ପରିଶେଷରେ ଏହା **ଡେଷ୍ଟିନେସନ୍**(ଉଦ୍ଦିଷ୍ଟ ଅଡିଏନ୍‌ସ)ରେ ପହଞ୍ଚେ।

ଏହା ପରେ ଫିଡ୍‌ବ୍ୟାକ୍ ଏକ ବାର୍ତ୍ତା ବା ସୂଚନାର ଉତ୍ସ ଭଳି କାର୍ଯ୍ୟ କରେ, ଫଳରେ ବାର୍ତ୍ତାଟି ବିଜ୍ଞାପନ ଦେଇଥିବା କମ୍ପାନି ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ସମାନ ପ୍ରକ୍ରିୟା ଚାଲୁ ରହିଥାଏ। ଏଠାରେ, ଯୋଗାଯୋଗର ବୃତ୍ତାକାର ପ୍ରକ୍ରିୟା ବା ଦ୍ୱିମୁଖୀ ପ୍ରକ୍ରିୟା  କାର୍ଯ୍ୟକାରୀ ହୋଇଥାଏ। ଲୋକମାନେ ପ୍ରେରକ ପାଲଟନ୍ତି ଓ ସେମାନଙ୍କୁ ଦିଆ ସରିଥିବା ବାର୍ତ୍ତା ଉପରେ ମତାମତ / ପ୍ରତିକ୍ରିୟା ଜଣାଇବା ପାଇଁ ସେମାନେ **ଫିଡ୍‌ବ୍ୟାକ୍ ଡିଭାଇସ୍** ବ୍ୟବହାର କରନ୍ତି। ଫିଡ୍‌ବ୍ୟାକ୍ ଡିଭାଇସ୍‌ଟି ସାମାଜିକ ଗଣମାଧ୍ୟମ, ଛାପା ମାଧ୍ୟମ, ଟେଲିଫୋନ୍ କିମ୍ବା ଇ-ମେଲ୍ ହୋଇପାରେ।

କମ୍ପାନୀ ମତାମତ / ପ୍ରତିକ୍ରିୟାର ପ୍ରାପକ ବା ଫିଡ୍‌ବ୍ୟାକ୍‌ର ରିସିଭର୍ ହୋଇଥାଏ ଏବଂ ଲୋକେ କ'ଣ ବୁଝିଲେ ତାହା ଜାଣିବାକୁ ସକ୍ଷମ ହୋଇପାରିଥାଏ। ଉଦ୍ଦିଷ୍ଟ ବାର୍ତ୍ତାଟି ଉଦ୍ଦିଷ୍ଟ ଅଡିଏନ୍‌ସ ନିକଟରେ ପହଂଚିଲା କି ନାଇଁ, ଫିଡ୍‌ବ୍ୟାକ୍ ଜରିଆରେ କମ୍ପାନି ଜାଣିପାରେ ଏବଂ ଯଦି ତାହା ପହଞ୍ଚି ନଥାଏ ତେବେ ସେମାନେ ବାର୍ତ୍ତାରେ ସଂଶୋଧନ କରି ପୁଣି ଥରେ ଯୋଗାଯୋଗ ପ୍ରକ୍ରିୟାରେ ସଂପୃକ୍ତ ହୋଇଥାନ୍ତି।

### ୩.୫.୪ ସାନନ୍- ୱିଭର୍‌ଙ୍କ ମଡେଲ୍ ସହ ତୁଳନା

ଏହି ଦୁଇଟି ମଡେଲ୍ ମଧ୍ୟରେ ବ୍ୟାପକ ସାଦୃଶ୍ୟ ରହିଛି। ସାନନ୍-ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ଟି ଏକମୁଖୀ ଯୋଗାଯୋଗ। ଡି ଫ୍ଲିୟର୍‌ଙ୍କ ମଡେଲ୍ ଏକମୁଖୀ ଯୋଗାଯୋଗ ସହ ଆରମ୍ଭ ହୋଇ ପରେ ଦ୍ୱିମୁଖୀ ଯୋଗାଯୋଗ ସହ ଅଗ୍ରସର ହୁଏ। ଉଭୟ ମଡେଲ୍‌ରେ ସୂଚନାର ଉତ୍ସ, ପ୍ରେରକ, ଟ୍ରାନ୍‌ସମିଟର୍/ପ୍ରସାରଣକାରୀ, ଚ୍ୟାନେଲ୍/ମାଧ୍ୟମ, ରିସିଭର୍/ପ୍ରାପକ ଓ ଡେଷ୍ଟିନେସନ୍/ଲକ୍ଷ୍ୟସ୍ଥଳ ଥାଆନ୍ତି। ଯୋଗାଯୋଗର ଉଭୟ ମଡେଲ୍‌ରେ ଏହି ସମସ୍ତ ଉପାଦାନର କାର୍ଯ୍ୟ ସମାନ। ସୂଚନାର ଉତ୍ସ କିଛି ବି ହୋଇପାରେ। ମନୁଷ୍ୟ, ପଶୁ, ବୃକ୍ଷଲତା ଓ ଯନ୍ତ୍ର କିମ୍ବା ଯନ୍ତ୍ରାଂଶ, ସୂଚନାର ଉତ୍ସ ହୋଇପାରନ୍ତି ଏବଂ ସୂଚନା ସଂଗ୍ରହ ଏକ ବୌଦ୍ଧିକ ପ୍ରକ୍ରିୟା ହୋଇଥାଏ। **ସେଣ୍ଡର୍**/ପ୍ରେରକ ଓ **ରିସିଭର୍**/ପ୍ରାପକ ମଧ୍ୟରେ ଯୋଗାଯୋଗ ସମ୍ଭବ ହୋଇଥାଏ ଏବଂ ଏକ ମାଧ୍ୟମ ଜରିଆରେ ବାର୍ତ୍ତା ପ୍ରେରଣ କରାଯାଏ। ସେହିପରି କିଛି ବି ଏକ ମାଧ୍ୟମ ହୋଇପାରେ।

ଉଭୟ ମଡେଲ୍‌ରେ, ଯୋଗାଯୋଗ ପ୍ରକ୍ରିୟାରେ **ନଏଜ୍** ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରେ। ନଏଜ୍ କୌଣସି ଭୌତିକ କିମ୍ବା ମନୋବୈଜ୍ଞାନିକ ବିଶୃଙ୍ଖଳା ହୋଇଥାଏ, ଯାହା ଯୋଗାଯୋଗ ପ୍ରକ୍ରିୟାରେ ପ୍ରେରକ ଓ ପ୍ରାପକଙ୍କୁ ବିକର୍ଷିତ କରିଥାଏ। ଫିଡ୍‌ବ୍ୟାକ୍ ମିଳି ସାରିଲେ ଯାଇ ଯୋଗାଯୋଗ ସଂପୂର୍ଣ୍ଣ ହୁଏ। ପ୍ରତ୍ୟେକ ବାର୍ତ୍ତା କିଛି ନା କିଛି ଉଦ୍ଦେଶ୍ୟ ରଖି ପଠାଯାଇଥାଏ ଓ ଏହା ଏକ ଆବଶ୍ୟକତା ପୂରଣ କରିଥାଏ। ଆହୁରି ମଧ୍ୟ ଯୋଗାଯୋଗ ପ୍ରକ୍ରିୟାରେ ଏକ ପ୍ୟାଟର୍ନ ବା ଶୈଳୀକୁ ଗ୍ରହଣ କରାଯାଇଥାଏ। ଉଭୟ ମଡେଲ୍‌ରେ, ଆନ୍ତଃବ୍ୟକ୍ତିଗତ ଯୋଗାଯୋଗକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ।

ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ମଡେଲ୍‌ଟି ଏକ ଦ୍ୱିମୁଖୀ ଯୋଗାଯୋଗ ମଡେଲ୍, ଯେତେବେଳେ କି ସାନନ୍-ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ଟି ଏକମୁଖୀ ଏବଂ **ଲିନିୟର୍**/ସରଳରୈଖୀୟ ପ୍ରକୃତିର ହୋଇଥାଏ। ଡି ଫ୍ଲିୟର୍‌ଙ୍କ ମଡେଲ୍ **ଟାର୍ଗେଟ୍ ଅଡିଏନ୍‌ସ** ବା ଉଦ୍ଦିଷ୍ଟ ପାଠକଦର୍ଶକ ଏବଂ **ଟୁ-ୱେ ଫିଡ୍‌ବ୍ୟାକ୍** ବା ଦ୍ୱିମୁଖୀ ପ୍ରତିକ୍ରିୟା ପ୍ରସଙ୍ଗ ନୂଆ କରି ଉଠାଇଲା।

**ଡେଷ୍ଟିନେସନ**/ଲକ୍ଷ୍ୟସ୍ଥଳରେ ସାନନ୍- ଓ୍ୱିଭରଙ୍କ ଯୋଗାଯୋଗ ମଡେଲ୍‌ର ପରିସମାପ୍ତି ଘଟୁଥିବାବେଳେ ଡି ଫ୍ଲିୟର୍‌ଙ୍କ ମଡେଲ୍‌ରେ ଏଠାରେ ଶେଷ ହୋଇନଥାଏ। ଫିଡ୍‌ବ୍ୟାକ୍ ପଠାଇବାର ପରବର୍ତ୍ତୀ ଯୋଗାଯୋଗ ସଂଘଟିତ ହୋଇଥାଏ। ପ୍ରାପକ ଯୋଗାଯୋଗର ଅନ୍ୟତମ ମାଧ୍ୟମ **ଫିଡ୍‌ବ୍ୟାକ୍ ଡିଭାଇସ୍** ସାହଯ୍ୟରେ ଫିଡ୍‌ବ୍ୟାକ୍ ପଠାଇ ପ୍ରେରକ ପାଲଟିଥାଏ। ଏହା ଫଳରେ, ଏକ ମାଧ୍ୟମ ଜରିଆରେ ଫିଡ୍‌ବ୍ୟାକ୍ ପାଇ ପ୍ରେରକ ମଧ୍ୟ ପ୍ରାପକ ପାଲଟିଥାଏ। ତେଣୁ, ସାନନ୍- ଓ୍ୱିଭରଙ୍କ ମଡେଲ୍‌ରେ ନଥିବା ବୃତ୍ତାକାର ପ୍ରକ୍ରିୟାଟି ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ମଡେଲ୍‌ରେ ରହିଛି।

## ୩.୬: ଏଲିହୁ କାଜ୍ ଓ ପଲ୍ ଲାଜର୍ସଫେଲ୍‌ଡଙ୍କ ଗଣଯୋଗାଯୋଗର ଦ୍ୱିସୋପାନୀ ଯୋଗାଯୋଗ ସିଦ୍ଧାନ୍ତ

୧୯୪୪ରେ ଆମେରିକୀୟ ସାମାଜିକ ଗବେଷକ ପଲ୍ ଲାଜାର୍ସଫେଲ୍‌ଡ, ବର୍ନାଡ୍ ବେରେଲ୍‌ସନ ଓ ହାଜଲ୍ ଗଡେଟ୍, ସେମାନଙ୍କ ପୁସ୍ତକ **'ଦି ପିପୁଲ୍‌ସ ଚଏସ୍: ହାଓ ଦି ଭୋଟର୍ ମେକ୍‌ସ ଅପ୍ ହିଜ୍ ମାଇଣ୍ଡ୍ ଇନ୍ ଏ ପ୍ରେସିଡେନ୍‌ସିଆଲ୍ କ୍ୟାମ୍ପେନ'** ରେ ଟୁ-ଷ୍ଟେପ୍ ଫ୍ଲୋ ସିଦ୍ଧାନ୍ତ ପ୍ରଣୟନ କଲେ।

ସେମାନଙ୍କ ଗବେଷଣାର ଉଦ୍ଦେଶ୍ୟ, ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ଅଭିଯାନ ଓ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାରେ ଏହାର ପ୍ରଭାବ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ମତଦାତାଙ୍କ ଜନମତ ଉପରେ ଗଣମାଧ୍ୟମର ପ୍ରତ୍ୟକ୍ଷ ପ୍ରଭାବ ରହିଛି କି ନାହିଁ ତାହା ସେମାନଙ୍କୁ ଚିହ୍ନଟ କରିବାର ଥିଲା। ଅପ୍ରତ୍ୟାଶିତ ଭାବେ ସେମାନେ ଜାଣି ପାରିଲେ ଯେ, ମତଦାନ ଆଚରଣ ଉପରେ ଅଣଆନୁଷ୍ଠାନିକ ,ବ୍ୟକ୍ତିଗତ ଯୋଗାଯୋଗ ତୁଳନାରେ(ରେଡିଓ ଟେଲିଭିଜନ ଭଳି) ଗଣମାଧ୍ୟମ ବାର୍ତ୍ତାର କମ୍ ପ୍ରଭାବ ରହିଛି। ଏହି ଗବେଷଣା ତଥ୍ୟ ଆଧାରରେ କାଜ୍ ଓ ପଲ୍ ଲାଜାର୍ସଫେଲ୍‌ଡଙ୍କ ଦ୍ୱାରା ଗଣଯୋଗାଯୋଗର ଟୁ-ଷ୍ଟେପ୍ ଫ୍ଲୋ ଯୋଗାଯୋଗ ସିଦ୍ଧାନ୍ତ ବିକଶିତ ହୋଇଥିଲା।

ଟୁ-ଷ୍ଟେପ୍ ଫ୍ଲୋ ମଡେଲ୍




ଚିତ୍ର ୩.୪

## ୩.୬.୧: ଓପିନିୟନ୍ ଲିଡର୍ ବା ମୁଖପାତ୍ରଙ୍କ ସଂପର୍କରେ ଧାରଣା

ଗୋଷ୍ଠୀର କମ୍ ସକ୍ରିୟ ସଦସ୍ୟମାନଙ୍କୁ ପ୍ରାଞ୍ଜଳ ସୂଚନା ପ୍ରଦାନ କରୁଥିବା କୌଣସି ଗୋଷ୍ଠୀର ନେତା ବା ମୁଖ୍ୟଙ୍କୁ **ଓପିନିୟନ୍ ଲିଡର୍** ବା ମୁଖପାତ୍ର କୁହାଯାଏ। କୌଣସି କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ଏବଂ ସର୍ବସାଧାରଣରେ ରାଜନୈତିକ ନେତା ହେଉଛନ୍ତି ଜଣେ **ଓପିନିୟନ୍ ଲିଡର୍** ବା ମୁଖପାତ୍ର। ସେମାନେ ନିଜ ଗୋଷ୍ଠୀକୁ ସୂଚନାର ଅର୍ଥ ବୁଝାଇଥାନ୍ତି।

ସର୍ବସାଧାରଣରେ, ଜଣେ ରାଜନୈତିକ ନେତା ହେଉଛନ୍ତି ଜଣେ ମୁଖପାତ୍ର। ଜନତାଠାରୁ ଦୂରେଇ ରହୁଥିବା ମୁଖପାତ୍ରମାନଙ୍କୁ ଲୋକେ ସାଧାରଣତଃ ସମର୍ଥନ କରି ନଥାନ୍ତି।

କାଜ୍ ଓ ପଲ୍‌ଙ୍କ ମତରେ 'ବେତାର ଓ ଛାପା ମାଧ୍ୟମରୁ ମୁଖପାତ୍ରଙ୍କ ନିକଟକୁ ବାର୍ତ୍ତାର ପ୍ରବାହ ହୁଏ ଏବଂ ସେମାନେ ଜନଗୋଷ୍ଠୀର କମ୍ ସକ୍ରିୟ ସଦସ୍ୟମାନଙ୍କ ନିକଟରେ ଏହି ବାର୍ତ୍ତାକୁ ପହଞ୍ଚାଇ ଦିଅନ୍ତି।' ବାର୍ତ୍ତାର ଏହି ରୂପାନ୍ତର ଜରିଆରେ ନେତାମାନେ, ମୌଳିକ ବିଷୟବସ୍ତୁ ସହ ସେମାନଙ୍କ ମତକୁ ଯୋଡ଼ି ଦେଇ ପାରନ୍ତି ଯାହା କମ୍ ସକ୍ରିୟ ସଦସ୍ୟମାନଙ୍କୁ ପ୍ରଭାବିତ କରିପାରେ। କେତେକ କ୍ଷେତ୍ରରେ, 'ମୁଖପାତ୍ରମାନେ' ସେମାନଙ୍କ ବିଶ୍ୱାସ ଓ ବାର୍ତ୍ତାର ଯୁଗୋପଯୋଗିତା ଅନୁଯାୟୀ ମୌଳିକ ବିଷୟବସ୍ତୁକୁ କାଟଛାଣ୍ଟ କରିଥାନ୍ତି। ମୁଖ୍ୟତଃ, ଏହି ମୁଖପାତ୍ରମାନେ ବାଛବିଚାର କରିଥାନ୍ତି ଓ ଗୋଷ୍ଠୀକୁ ବାର୍ତ୍ତା ହସ୍ତାନ୍ତର କରିଥାନ୍ତି। (**ଲୋ-ଏଣ୍ଡ ମିଡିଆ ୟୁଜର୍ସ**/ଗରିବ ଗଣମାଧ୍ୟମ ବ୍ୟବହାରକାରୀ: ଗରିବ, ଶ୍ରମିକ ଓ ପ୍ରତ୍ୟକ୍ଷ ସୂଚନା ପାଇବା ପାଇଁ ବ୍ୟୟ କରିବାକୁ ଅସମର୍ଥ ବ୍ୟକ୍ତି)।

କେବଳ ସଙ୍ଗଠିତ ସାମାଜିକ ଗୋଷ୍ଠୀରେ ମୁଖପାତ୍ରମାନଙ୍କର ଯଥେଷ୍ଟ ପ୍ରଭାବ ରହିଥାଏ, ସମାଜ ଠାରୁ ଦୂରେଇ ରହୁଥିବା ବ୍ୟକ୍ତିଙ୍କ ଉପରେ ସେମାନଙ୍କର ପ୍ରଭାବ ନଥାଏ।

## ୩.୬.୨: ଟୁ-ଷ୍ଟେପ୍ ନମୁନାର ଦୁର୍ବଳତା

ପ୍ରାରମ୍ଭ କାଳରେ ଗଣମାଧ୍ୟମର ସୂଚନା ମୁଖପାତ୍ରମାନଙ୍କ ଦ୍ୱାରା ରିଲେ କରାନଯାଇ ସାମଗ୍ରିକ ଭାବରେ ଜନତା ନିକଟକୁ ପ୍ରବାହିତ ହେଉଥିଲା ବୋଲି ଗବେଷକମାନେ ଯଥେଷ୍ଟ ପ୍ରମାଣ ପାଇଛନ୍ତି। ଶିକ୍ଷଣର ପ୍ରବାହକୁ ଏହି ଟୁ-ଷ୍ଟେପ୍ ହାଇପୋଥେସିସ୍ ବା ଦୁଇଥାକିଆ ଅବଧାରଣା ପର୍ଯ୍ୟାପ୍ତ ଭାବେ ବର୍ଣ୍ଣନା କରି ପାରେନାହିଁ। ଲାଜାର୍ସଫେଲ୍ ଓ ତାଙ୍କ ସହଯୋଗୀମାନେ ୧୯୪୦ର ନିର୍ବାଚନୀ ଅନୁଧ୍ୟାନରେ, ପ୍ରଭାବର ସ୍ୱଷ୍ଟ ପ୍ରଭାବ ନିର୍ଦ୍ଧାରଣ କରିବାରେ ଅସଫଳ ହୋଇଛନ୍ତି। ଆଜିକାଲି ବିଜ୍ଞାପନ ଉପରେ ଅଧିକାଂଶ ଗବେଷଣା ଏହି ମତବାଦ ଆଧାରରେ କରାଯାଉଛି।

## ୩.୭: ଆସ ପ୍ରଗତି ମାପିବା

କ) ବେର୍ଲୋଙ୍କ ଏସ୍‌ଏମ୍‌ସିଆର୍ ଯୋଗାଯୋଗ ନମୁନା କ'ଣ ?

--------------------------------------------------------

--------------------------------------------------------

--------------------------------

ଖ) ବେର୍ଲୋଙ୍କ ଏସ୍‌ଏମ୍‌ସିଆର୍ ଯୋଗାଯୋଗ ନମୁନାର ବିଭିନ୍ନ ଉପାଦାନଗୁଡ଼ିକ କ'ଣ ?

--------------------------------------------------------

--------------------------------------------------------

--------------------------------

ଗ) ବେର୍ଲୋଙ୍କ ଯୋଗାଯୋଗ ମଡେଲ୍ ଦୁର୍ବଳତାଗୁଡ଼ିକ କ'ଣ ?

--------------------------------------------------------

--------------------------------------------------------

--------------------------------

ଘ) ସାନନ୍- ୱିଭର୍‌ଙ୍କ ଯୋଗାଯୋଗ ନମୁନା ସଂପର୍କରେ ବର୍ଣ୍ଣନା କର।

--------------------------------------------------------

--------------------------------------------------------

--------------------------------

ଙ) ସାନନ୍- ୱିଭର୍‌ଙ୍କ ଯୋଗାଯୋଗ ନମୁନାର ଦୁର୍ବଳତାଗୁଡ଼ିକ କ'ଣ ?

--------------------------------------------------------

--------------------------------------------------------

--------------------------------

ଚ) ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ନମୁନା ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

--------------------------------------------------------

--------------------------------------------------------

--------------------------------

ଛ) ସାନନ୍- ଓ୍ୱିଭର୍‌ଙ୍କ ଯୋଗାଯୋଗ ନମୁନା ଓ ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ନମୁନା ମଧ୍ୟରେ ତୁଳନା କର ।

---------------------------------------------------------------

---------------------------------------------------------------

---------------------------------

**ଜ)** ଟୁ-ଷ୍ଟେପ୍ ନମୁନା କ'ଣ ଓ ଏହି ନମୁନାରେ ମୁଖପାତ୍ରଙ୍କ ଧାରଣା କିପରି ବ୍ୟବହୃତ ହୁଏ ?

---------------------------------------------------------------

---------------------------------------------------------------

----------------------------------

## ୟୁନିଟ୍-୪: ଯୋଗାଯୋଗର କିଛି ମଡେଲ୍: ନ୍ୟୁକମ୍ବଙ୍କ ମଡେଲ୍, ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ମଡେଲ, କିନ୍‌କେଡ୍‌ଙ୍କ ମଡେଲ୍, ଡ୍ୟାନ୍‌ସଙ୍କ ମଡେଲ୍

### ୪.୦: ବିଷୟର ଗଠନ


୪.୧: ପଠନର ଉଦ୍ଦେଶ୍ୟ

୪.୨: ବିଷୟ ପରିଚୟ

୪.୩: ନ୍ୟୁକମ୍ବଙ୍କ ଯୋଗାଯୋଗ ମଡେଲ୍ 'ଏବିଏକ୍ସ' ନମୁନା

୪.୩.୧: ନ୍ୟୁକମ୍ବଙ୍କ ମଡେଲ୍‌ର ସ୍ୱରୂପ/ଧାରଣା

୪.୪: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନା

୪.୪.୧: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ନମୁନାର ଉପାଦାନ

୪.୪.୨: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ନମୁନାର ସ୍ୱରୂପ/ଧାରଣା

୪.୪.୩: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ନମୁନାର ଉପଯୋଗିତା

୪.୪.୪: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ନମୁନାର ଦୁର୍ବଳତା

୪.୫: ଗଣଯୋଗାଯୋଗର କନଭର୍ଜେନ୍‌ସ ନମୁନା

୪.୫.୧: ଏହି ନମୁନାର ପ୍ରମୁଖ ଉପାଦାନ

୪.୬: ଯୋଗାଯୋଗର ହେଲିକାଲ୍ ନମୁନା

୪.୬.୧: ଯୋଗାଯୋଗର ହେଲିକାଲ୍ ନମୁନାର ସ୍ୱରୂପ

୪.୬.୨: ଯୋଗାଯୋଗର ହେଲିକାଲ୍ ନମୁନାର ଉପଯୋଗିତା

୪.୬.୩: ଯୋଗାଯୋଗର ହେଲିକାଲ୍ ନମୁନାର ଦୁର୍ବଳତା

୪.୭: ଆସ ପ୍ରଗତି ମାପିବା


### ୪.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ପଢ଼ିସାରିବା ପରେ ଆମେ ନ୍ୟୁକମ୍ବ, ୱେଷ୍ଟଲି, ମ୍ୟାକ୍‌ଲିନ୍, କିନ୍‌କେଡ୍ ଓ ଡ୍ୟାନ୍‌ସଙ୍କ ଯୋଗାଯୋଗ ମଡେଲ୍ ସଂପର୍କରେ ଜାଣିବା। ଏହି ସବୁ ମଡେଲ୍ ସୃଷ୍ଟି ପଛରେ ଥିବା ଧାରଣା ଓ ମଡେଲ୍ ଗୁଡ଼ିକର ଦୁର୍ବଳତା ସଂପର୍କରେ ମଧ୍ୟ ଏହି ୟୁନିଟ୍‌ରେ ଆଲୋଚନା କରାଯାଉଛି।

### ୪.୨: ବିଷୟ ପରିଚୟ

ନ୍ୟୁକମ୍ବଙ୍କ ଯୋଗାଯୋଗ ନମୁନାରେ ତାଙ୍କର ଏବିଏକ୍ସ ନମୁନାର କେତେକ କୌତୁହଳପ୍ରଦ ତଥ୍ୟର ଅବତାରଣା କରାଯାଇଛି। ତାଙ୍କ ନମୁନା କହେ ଯେ, ଆଭ୍ୟନ୍ତରୀଣ ସଂପର୍କ ପରସ୍ପର ଉପରେ ନିର୍ଭରଶୀଳ। ଏଠାରେ **ଏ** ହେଉଛି ପ୍ରେରକ, **ବି** ପ୍ରାପକ ଓ **ଏକ୍ସ** ହେଉଛି ସାମାଜିକ ପରିବେଶ। ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ନମୁନା ହେଉଛି ଥିଓଡର୍ ନ୍ୟୁକମ୍ବଙ୍କ ନମୁନାର ଏକ ସଂପ୍ରସାରଣ। ଏହି ମଡେଲ୍‌ଗୁଡ଼ିକ ଖାସ୍ କରି ଗଣମାଧ୍ୟମ ପାଇଁ ପ୍ରଣୀତ ହୋଇଛି। ସେମାନେ 'ଗେଟ୍‌କିପର୍' ପଦଟିକୁ ସୃଷ୍ଟି କରିଥିଲେ।

ଏହି ୟୁନିଟ୍‌ରେ ଆମେ କିନ୍‌କେଡ୍‌ଙ୍କ କନଭର୍ଜେନ୍‌ସନ ନମୁନା ଓ ଡ୍ୟାନ୍‌ସଙ୍କ ହେଲିକାଲ୍ ନମୁନା ସଂପର୍କରେ ପଢିବା।

## ୪.୩: ନ୍ୟୁକମ୍ବଙ୍କ ଯୋଗାଯୋଗର 'ଏବିଏକ୍ସ' ନମୁନା (୧୯୫୩)

ଯୋଗାଯୋଗ ପ୍ରକ୍ରିୟା ଉପରେ ନ୍ୟୁକମ୍ବ ଏକ ଭିନ୍ନଦୃଷ୍ଟି ପକାଇଲେ। ଏହି ସିଦ୍ଧାନ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସାମାଜିକ ବ୍ୟବସ୍ଥା ବା ସମାଜରେ ଯୋଗାଯୋଗର ଭୂମିକା ସଂପର୍କରେ ଜଣାଇବା ଓ ସାମାଜିକ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ରକ୍ଷା କରିବା। ସେ ଯୋଗାଯୋଗ କ୍ଷେତ୍ରରେ ଏକ ନୂତନ ସାମଜିକ ଦୃଷ୍ଟିଭଙ୍ଗୀ ପ୍ରକାଶ କଲେ, ଏହାକୁ **'ଏବିଏକ୍ସ'** ସିଷ୍ଟମ୍ ବୋଲି କୁହାଗଲା ଯାହା ପରେ ନ୍ୟୁକମ୍ବଙ୍କ ନମୁନା ରୂପେ ପରିଚିତ ହେଲା।




**ନ୍ୟୁକମ୍ବଙ୍କ ନମୁନା**
**ଚିତ୍ର ୪.୧**

ନ୍ୟୁକମ୍ବ ତାଙ୍କ ଚିତ୍ରରେ ବାର୍ତ୍ତାକୁ ଏକ ସ୍ୱତନ୍ତ୍ର ବସ୍ତୁ ରୂପେ ସାମିଲ କରିନଥିଲେ। ସେ ଯୋଗାଯୋଗର ସାମାଜିକ ଭୂମିକା ଉପରେ ମନୋନିବେଶ କରନ୍ତି, ଯାହା ଲୋକମାନଙ୍କ ମଧ୍ୟରେ ବଜାୟ ରଖିବା ପାଇଁ ସବୁ ପ୍ରକାରର ଯୋଗାଯୋଗ ଏକ ମାଧ୍ୟମ ବୋଲି ଦର୍ଶାଇଥାଏ।




**ଏବିଏକ୍ସ**
**ଚିତ୍ର ୪.୨**

### ୪.୩.୧: ନ୍ୟୁକମ୍ବଙ୍କ ମଡେଲ୍‌ର ସ୍ୱରୂପ/ଧାରଣା

ନ୍ୟୁକମ୍ବଙ୍କ ନମୁନା ଏକ ତ୍ରିକୋଣୀୟ ରୂପ ବା ଏ-ବି-ଏକ୍ସ ସିଷ୍ଟମ୍‌ରେ କାର୍ଯ୍ୟ କରିଥାଏ ଓ ଏହା ଆନ୍ତଃବ୍ୟକ୍ତିଗତ ଯୋଗାଯୋଗର ପ୍ରତିନିଧିତ୍ୱ କରିଥାଏ।

**ଏ**- ସେଣ୍ଡର୍/ ପ୍ରେରକ

**ବି** – ରିସିଭର୍ / ପ୍ରାପକ

**ଏକ୍ସ**- ମ୍ୟାଟର୍ ଅଫ୍ କନସର୍ନ / ପ୍ରସଙ୍ଗ।

ଏ ଓ ବି ର ସଂପର୍କ ହେଉଛି ଶିକ୍ଷକ ଓ ଛାତ୍ର, ସରକାର ଓ ଲୋକ ବା ସମ୍ବାଦପତ୍ର ଓ ପାଠକ ସଂପର୍କ ଭଳି। ପ୍ରେରକ ଓ ପ୍ରାପକ ଏକ ସମାନ ଧାରାରେ କାମ କରିପାରନ୍ତି କିନ୍ତୁ ଏହା ସହିତ 'ଏକ୍ସ' ଭଳି କେତେକ କାରଣ ସେମାନଙ୍କ ସଂପର୍କର ଧାରାକୁ ପ୍ରଭାବିତ କରିପାରେ।

**ଏକ୍ସ** କୌଣସି ତୃତୀୟ ପକ୍ଷ, ପ୍ରସଙ୍ଗ, ବିଷୟ ବା ନୀତି ହୋଇପାରେ।

**ଏବିଏକ୍ସ** ହେଉଛି ଏକ ବ୍ୟବସ୍ଥା ଯାହାର ଅର୍ଥ ଏହାର ଆଭ୍ୟନ୍ତରୀଣ ସଂପର୍କ ପରସ୍ପର ଉପରେ ନିର୍ଭରଶୀଳ: ଯଦି **ଏ** ବଦଳେ ତେବେ **ବି** ଓ **ଏକ୍ସ** ମଧ୍ୟ ବଦଳିଥାଏ। ସେହିପରି ଯଦି **ଏକ୍ସ** ସହିତ ନିଜର ସଂପର୍କକୁ **ଏ** ବଦଳାଇଦିଏ ତେବେ ବିକୁ ମଧ୍ୟ ଏକ୍ସ ଓ ଏ ସହିତ ତାହାର ସଂପର୍କକୁ ବଦଳାଇବାକୁ ପଡ଼ିଥାଏ। ଏକ୍ସ ପ୍ରତି **ଏ** ଓ **ବି** ର ଦୃଷ୍ଟିକୋଣ ସମାନ ରହିଲେ **ଏବିଏକ୍ସ** ସନ୍ତୁଳିତ ଅବସ୍ଥାରେ ରହିବ। **ଏ** ଯଦି **ଏକ୍ସ**କୁ ଭଲ ପାଏ କିନ୍ତୁ **ବି** ଭଲ ପାଏନାହିଁ ତେବେ **ଏ** ଓ **ବି** ଯେପର୍ଯ୍ୟନ୍ତ **ଏକ୍ସ** ସହିତ ନିଜ ଦୃଷ୍ଟିକୋଣକୁ ସମାନ କରି ନପାରନ୍ତି , ସେପର୍ଯ୍ୟନ୍ତ ଯୋଗାଯୋଗ କରିବା ପାଇଁ ଚାପରେ ପଡନ୍ତି। ସେମାନଙ୍କ ସାମାଜିକ ପରିବେଶରେ ଏକ୍ସର ଭୂମିକା ଯେତେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୁଏ, ତା' ପ୍ରତି ଧ୍ୟାନ ଆକର୍ଷଣ କରିବା ସେମାନଙ୍କ ପାଇଁ ସେତେ ଜରୁରୀ ହୋଇଥାଏ।

## ୪.୪: ୱେଷ୍ଟ୍‌ଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନା

୧୯୫୭ରେ ବ୍ରୁସ୍ ୱେଷ୍ଟଲି୍ ଓ ମାଲକମ୍ ଏସ୍. ମ୍ୟାକ୍‌ଲିନ୍ ଜୁନିଅର୍‌ଙ୍କ ୱେଷ୍ଟଲି୍ ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନା ସଂପର୍କରେ ସୂଚନା ଦେଇଥିଲେ। ଏହି ମଡେଲ୍‌ଟି ନ୍ୟୁକମ୍ବଙ୍କ ଯୋଗାଯୋଗ ନମୁନାରୁ ଅନୁସୃତ ହୋଇଛି, ଏହା ଦ୍ୱିପାକ୍ଷିକ ଯୋଗାଯୋଗରେ ଏକକାଳୀନ ଓରିଏଣ୍ଟେସନ୍ ପାଇଁ ମିଳିତ-ଓରିଏଣ୍ଟେସନ୍ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏଥିରେ ମଧ୍ୟ ଲିଓ୍ୱିନ୍‌ଙ୍କ ନମୁନାର କେତେକ ଧାରଣା ସନ୍ନିବେଶିତ ହୋଇଛି।

ଡ୍ୟାନ୍‌ସଙ୍କ ହେଲିକାଲ୍ ମଡେଲ୍‌ଠାରୁ ଭିନ୍ନ ଭାବରେ ଏହି ନମୁନା କହେ ଯେ, ଜଣେ ଲୋକ କହିବା ଆରମ୍ଭ କଲେ ଯୋଗାଯୋଗ ଆରମ୍ଭ ହୋଇ ଯାଏ ନାହିଁ, କିନ୍ତୁ ଯେତେବେଳେ ଜଣେ ତା'ର ଚାରିପାଖର କୌଣସି ଜିନିଷ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ ସେତେବେଳେ ଯୋଗାଯୋଗ ଆରମ୍ଭ ହୋଇଥାଏ। ବ୍ୟକ୍ତିଜଣକ ପ୍ରଥମେ ପରିବେଶରୁ ବାର୍ତ୍ତା ପ୍ରାପ୍ତ ହୁଏ ଓ ତା'ପରେ ଓରିଏଣ୍ଟେସନ୍ ଆଧାରରେ ପ୍ରତିକ୍ରିୟା ପ୍ରକାଶ କରେ।

ୱେଷ୍ଟଲି୍ ଓ ମ୍ୟାକ୍‌ଲିନ୍‌ଙ୍କ ମଡେଲ୍‌କୁ ଦୁଇଟି ପ୍ରେକ୍ଷାପଟ ଯଥା: ଆନ୍ତବ୍ୟକ୍ତିଗତ ଯୋଗାଯୋଗ ଓ ଗଣଯୋଗାଯୋଗରେ ପ୍ରୟୋଗ କରାଯାଇ ପାରିବ, କିନ୍ତୁ ଏଥିରେ 'ଫିଡ୍‌ବ୍ୟାକ୍'ର ଭିନ୍ନତା ଥାଏ।

ବ୍ୟକ୍ତିଗତ ଯୋଗାଯୋଗରେ ଫିଡ୍‌ବ୍ୟାକ୍ ପ୍ରତ୍ୟକ୍ଷ ଓ ତ୍ୱରିତ ହୋଇଥିବାବେଳେ, ଗଣ ଯୋଗାଯୋଗରେ ଏହା ପରୋକ୍ଷ ଓ ମାନ୍ଦା ହୋଇଥାଏ। ଏହି ନମୁନା ମଧ୍ୟ ବାର୍ତ୍ତାକୁ **ପର୍‌ପୋଜିଭ୍**/ଉଦ୍ଦେଶ୍ୟମୂଳକ ଓ **ନନ୍-ପର୍‌ପୋଜିଭ୍**/ଉଦ୍ଦେଶ୍ୟବିହୀନ, ଏହିପରି ଦୁଇ ପ୍ରକାରରେ ବିଭକ୍ତ କରିଥାଏ।




ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ମଡେଲ୍
ଚିତ୍ର ୪.୩

### ୪.୪.୧: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ଉପାଦାନ

ଏହି ମଡେଲ୍‌ରେ ଯୋଗାଯୋଗ ପ୍ରକ୍ରିୟାର ପ୍ରମୁଖ ଉପାଦାନଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି,

- **ସୋର୍ସ**/ ଉତ୍ସ (ଏ) – ଉତ୍ସ ହେଉଛି ବାର୍ତ୍ତା ସୃଷ୍ଟିକାରୀ ଓ ପ୍ରେରକ।
- **ଏନଭାର୍ନମେଣ୍ଟ**/ ପରିବେଶ (ଏକ୍ସ)- ଯେଉଁ ସ୍ଥାନରେ ବାର୍ତ୍ତାର ସୃଷ୍ଟି ଓ ପ୍ରେରଣ ହୁଏ, ସେହି ଭୌତିକ ଓ ମନୋବୈଜ୍ଞାନିକ ସ୍ଥିତି ହେଉଛି ପରିବେଶ।
- **ସେନସରି ଏକ୍ସପେରିଏନ୍ସ**/ ବୌଦ୍ଧିକ ଅଭିଜ୍ଞତା (ଏକ୍ସ୧. . )- ବାର୍ତ୍ତା ଗଠନ କରିବା ପାଇଁ ବାର୍ତ୍ତାର ଉତ୍ସ ପ୍ରଥମେ ଯାହା ଦେଖେ ତାହା ହେଉଛି ସେନସରି ଏକ୍ସପେରିଏନ୍ସ/ ବୌଦ୍ଧିକ ଅଭିଜ୍ଞତା।
- **ଅବ୍‌ଜେକ୍ଟସ୍ ଅଫ୍ ଓରିଏଣ୍ଟେସନ୍** (ଏକ୍ସ୧, ଏକ୍ସ ୨. . )- ଅବ୍‌ଜେକ୍ଟସ୍ ଅଫ୍ ଓରିଏଟେସନ୍ ହେଉଛି ବ୍ୟକ୍ତିର ସାମାଜିକ ଓ ସାଂସ୍କୃତିକ ବାସ୍ତବତା ଯାହା ତା'ର ଅତୀତର ଅନୁଭୂତି ଓ ଶିକ୍ଷଣକୁ ସମୃଦ୍ଧ କରିଥାଏ।
- **ମେସେଜ୍ ଇଣ୍ଟରପ୍ରିଟେସନ** ବା କୋଡିଂ ବା ବାର୍ତ୍ତାର ଅର୍ଥ ନିରୂପଣ (ଏକ୍ସ) - ବାର୍ତ୍ତାର ପ୍ରାପକ ନିଜସ୍ୱ ଦୃଷ୍ଟିକୋଣ ଅନୁଯାୟୀ ବାର୍ତ୍ତାର ଅର୍ଥ ନିରୂପଣ କରିଥାଏ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

- **ରିସିଭର/** ପ୍ରାପକ (ବି)- ଉତ୍ସ ପଠାଇଥିବା ବାର୍ତ୍ତାକୁ ପାଉଥିବା ବ୍ୟକ୍ତି ହେଉଛନ୍ତି **ରିସିଭର/** ପ୍ରାପକ ଯିଏ ତାଙ୍କର ନିଜସ୍ୱ ଦୃଷ୍ଟିକୋଣ ଅନୁଯାୟୀ ଅର୍ଥ ନିରୂପଣ କରିଥାନ୍ତି।
- **ଅବ୍‌ଜେକ୍ଟସ୍ ଅଫ୍ ଓରିଏଟେସନ ଅଫ୍ ରିସିଭର/** ପ୍ରାପକର ଦୃଷ୍ଟିକୋଣ(ଏକ୍ସ ବି)- ପ୍ରାପକଙ୍କ ମତାମତ ଓ ଧାରଣା କିମ୍ବା ତାଙ୍କର ସାମାଜିକ ବାସ୍ତବତା ହେଉଛି ତାଙ୍କର ଦୃଷ୍ଟିକୋଣ। ଏହି ଆଧାରରେ ପ୍ରାପକ ବାର୍ତ୍ତାରୁ ଅର୍ଥ ବାହାର କରନ୍ତି।
- **ଫିଡ୍‌ବ୍ୟାକ୍** / ମତାମତ(ଏଫ୍)- ପ୍ରାପକ ବାର୍ତ୍ତାରୁ ଅର୍ଥ ବାହାର କରିବା ପରେ ଅନ୍ୟ ଏକ ବାର୍ତ୍ତା ପ୍ରସ୍ତୁତ କରନ୍ତି ଓ ଏହାକୁ ପ୍ରେରକ ନିକଟକୁ ପଠାନ୍ତି। ଏହା ଫିଡ୍‌ବ୍ୟାକ୍ ଭାବରେ ଜଣାଶୁଣା।
- **ଗେଟ୍‌କିପର୍** (ସି)- ଗଣ ଯୋଗାଯୋଗରେ ଗେଟ୍‌କିପର୍‌ମାନଙ୍କୁ ଦେଖିବାକୁ ମିଳିଥାଏ। ଗେଟ୍‌କିପର୍ ହେଉଛନ୍ତି ସଂପାଦକ ଯିଏ କି ତାଙ୍କ ଅଡିଏନ୍‌ସ ଓ ଗଣମାଧ୍ୟମ ସଂସ୍ଥାର ଆବଶ୍ୟକତା ଦୃଷ୍ଟିରୁ ବାର୍ତ୍ତାକୁ କାଟଛାଣ୍ଟ/ ତର୍ଜମା କରନ୍ତି।
- **ଓପିନିୟନ୍ ଲିଡର୍/** ମୁଖପାତ୍ର- ମୁଖପାତ୍ରମାନେ ବେଶ୍ ଜଣାଶୁଣା ଓ ପ୍ରସିଦ୍ଧ ବ୍ୟକ୍ତି ହୋଇଥାନ୍ତି, ଯେଉଁମାନେ ଜନମତକୁ ପ୍ରଭାବିତ କରିପାରନ୍ତି।

### ୪.୪.୨: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ସ୍ୱରୂପ

ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାରେ, ଯେତେବେଳେ କୌଣସି ଉତ୍ସ ପରିବେଶର ଆବଶ୍ୟକତା ଅନୁଯାୟୀ ବାର୍ତ୍ତା ସୃଷ୍ଟି କରେ ସେତେବେଳେ ଯୋଗାଯୋଗ ପ୍ରକ୍ରିୟା ଆରମ୍ଭ ହୁଏ। ଯୋଗାଯୋଗକାରୀ ନିଜର ଦୃଷ୍ଟିକୋଣ ଆଧାରରେ ବୌଦ୍ଧିକ ଅନୁଭୂତି ଅନୁଯାୟୀ କାର୍ଯ୍ୟ କରନ୍ତି ଏବଂ ବାର୍ତ୍ତା ସୃଷ୍ଟି କରନ୍ତି। ଏହାପରେ, ପରିବେଷିତ ପ୍ରତିକ୍ରିୟାକୁ ବୁଝି ସଂଭାବ୍ୟ ପ୍ରତିକ୍ରିୟାକୁ କୋଡ୍/ ଅର୍ଥନିହିତ କରାଯାଏ। କୋଡେଡ୍ ମେସେଜ୍ ବା ଅର୍ଥନିହିତ ବାର୍ତ୍ତାଟିକୁ ଦ୍ୱିତୀୟ ପ୍ରାପକଙ୍କ ନିକଟକୁ ପଠାଯାଏ, ଯିଏ କି ବାର୍ତ୍ତାଟିରୁ ନିଜସ୍ୱ ଦୃଷ୍ଟିକୋଣ ଅନୁଯାୟୀ ଭିନ୍ନ ଅର୍ଥ ବାହାର କରନ୍ତି ଏବଂ ପ୍ରେରକ ପାଖକୁ ଫିଡ୍‌ବ୍ୟାକ୍ ପଠାନ୍ତି।

ଗଣ ଯୋଗାଯୋଗରେ ଗେଟ୍ କିପର୍/ ବାର୍ତ୍ତା ସଂପାଦକ ଓ ଓପିନିୟନ୍ ଲିଡର୍/ମୁଖପାତ୍ରମାନେ ହେଉଛନ୍ତି ଯୋଗାଯୋଗ ପ୍ରକ୍ରିୟାର ଅଂଶବିଶେଷ, ଯେଉଁମାନେ କି କେଉଁ ବିଷୟ ପ୍ରକାଶିତ ହେବ ଏବଂ ଅଡିଏନ୍‌ସ ଉପରେ ଏହାର କି ପ୍ରଭାବ ପଡ଼ିବ, ତାହା ନିର୍ଦ୍ଧାରଣ କରନ୍ତି। ବାର୍ତ୍ତାର ଫିଲ୍‌ଟର୍ ବା କାଟଛାଣ୍ଟ ଅନେକ କାରଣ ଉପରେ ନିର୍ଭରଶୀଳ।

ଗେଟ୍ କିପିଂ/ ବାର୍ତ୍ତା ସଂପାଦନା ଅନେକ ସ୍ତରରେ ହୋଇଥାଏ:-

୧. ବ୍ୟକ୍ତିଗତ ସ୍ତର: ଜଣେ ବ୍ୟକ୍ତିର ଲିଙ୍ଗ, ଯୌନ ଚେତନା, ସଂସ୍କୃତି, ପସନ୍ଦ ଓ ନାପସନ୍ଦ ଇତ୍ୟାଦି।

୨. ନିୟମିତ ଅଭ୍ୟାସ ସ୍ତର: ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରାଯିବା ପାଇଁ ପୂର୍ବରୁ ପ୍ରଚଳିତ ନିୟମାବଳୀ ଓ ଅଭ୍ୟାସ

୩. ଯୋଗାଯୋଗ ସଙ୍ଗଠନ: ପ୍ରକାଶନ କରୁଥିବା ସଂସ୍ଥାର ନୀତି।

୪.  ସାମାଜିକ ସଙ୍ଗଠନ: ଯେଉଁ ସାମାଜିକ ବ୍ୟବସ୍ଥା ଦ୍ୱାରା ବାର୍ତ୍ତାଟି ସୃଷ୍ଟି ହୋଇଥାଏ।

୫.  ସମାଜ:  ସାମାଜିକ ମୂଲ୍ୟବୋଧ ଓ ଧାରଣା ବ୍ୟବସ୍ଥା, ନୀତି ନିୟମ ଇତ୍ୟାଦି।

### ୪.୪.୩: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ମଡେଲ୍‌ର ଉପକାରିତା

ଏହି ଯୋଗାଯୋଗ ମଡେଲ୍‌ର ଉପକାରୀତାଗୁଡ଼ିକ ନିମ୍ନରେ ଦିଆଯାଇଛି:-

୧.  ଏଥିରେ ଫିଡ୍‌ବ୍ୟାକ୍‌ର ଏକ ଧାରଣା ରହିଛି।

୨.  ବାର୍ତ୍ତାଟି ପରିବେଶରୁ ଆସୁଥିବାରୁ ବୌଦ୍ଧିକ ଚିନ୍ତାଶକ୍ତି ବାର୍ତ୍ତା ଗଠନକୁ ଉନ୍ନତ କରେ।

୩.  ଦୃଷ୍ଟିକୋଣରେ ସାମାଜିକ କାରଣଗୁଡ଼ିକ ସାମିଲ ହୋଇଥାଏ।

୪.  ଏହି ନମୁନା ଆନ୍ତବ୍ୟକ୍ତିଗତ ଯୋଗାଯୋଗ, ଗୋଷ୍ଠୀ ଯୋଗାଯୋଗ ଓ ଗଣ ଯୋଗାଯୋଗରେ ପ୍ରଜୁଯ୍ୟ।

୫.  ଏହି ନମୁନାଟିରେ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରାଯାଇଛି।

### ୪.୪.୪: ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ଦୁର୍ବଳତା

୧.  ଏପରିକି ସାଧାରଣ ଯୋଗାଯୋଗରେ ଅନେକ ହସ୍ତକ୍ଷେପର ସୁଯୋଗ ଏହି ନମୁନାକୁ ଖୁବ୍ ଜଟିଳ କରିଦିଏ।

୨.  ଏହି ମଡେଲ୍‌ଟିର କେବଳ ଦୁଇଟି ଡାଇମେନସନ୍ ବା ପାର୍ଶ୍ୱ ରହିଛି, ଏକସଙ୍ଗେ ଅନେକ ବାର୍ତ୍ତା ସମ୍ବଳିତ ଯୋଗାଯୋଗ ଓ ଜଟିଳ ବାର୍ତ୍ତା ଥିବା ଯୋଗାଯୋଗକୁ ଏହି ନମୁନା ବୁଝାଇ ପାରେନାହିଁ।

୩.  ପ୍ରେରକଠାରୁ ପ୍ରାପକ ନିକଟକୁ ପଠାଯିବାବେଳେ ସୂଚନାଟି ବଦଳି ଯାଇପାରେ କାରଣ ଏହା ମଧ୍ୟରେ **ନଏଜ୍** ବା ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଯୋଗାଯୋଗରେ ନଏଜ୍‌କୁ ଏହି ନମୁନା ହିସାବକୁ ନିଏନାହିଁ।

## ୪.୫ ଯୋଗାଯୋଗର କନଭର୍ଜେନ୍‌ସ ନମୁନା

ଡି ଲରେନ୍‌ସ କିନ୍‌କେଡ୍ ନାମକ ଜଣେ ସାମାଜିକ ଓ ଆଚରଣ ବିଜ୍ଞାନ ବିଭାଗର ବୈଜ୍ଞାନିକଙ୍କ ଦ୍ୱାରା ଯୋଗାଯୋଗର କନଭର୍ଜେନ୍‌ସ ମଡେଲ୍ ବା କନ୍‌କେଡ୍‌ଙ୍କ ମଡେଲ୍ ରୂପେ ଜଣାଶୁଣା ନମୁନାଟି ବିକଶିତ ହୋଇଥିଲା। ଯୋଗାଯୋଗର ସିଦ୍ଧାନ୍ତ ପ୍ରଣେତାମାନଙ୍କ ମଧ୍ୟରେ କନ୍‌କେଡ୍ କନଭର୍ଜେନ୍‌ସ ମଡେଲ୍‌ର ପ୍ରଣେତା ରୂପେ ବେଶ୍ ଜଣାଶୁଣା।

ଏହା ଯୋଗାଯୋଗର ଏକ ଅଣ-ସରଳରୈଖୀୟ ମଡେଲ୍ ଯେଉଁଠି ଦୁଇ ଯୋଗାଯୋଗକାରୀ ଏକ 'ପାରସ୍ପରିକ ବୁଝାମଣା'ରେ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି।




ଚିତ୍ର ୪.୪

### ୪.୫.୧: ଏହି ମଡେଲ୍‌ର ପ୍ରମୁଖ ଉପାଦାନ

ଯୋଗାଯୋଗର କନଭର୍ଜେନ୍‌ସ ମଡେଲ୍‌ରେ, ଏକ ପାରସ୍ପରିକ ବୁଝାମଣାରେ ପହଞ୍ଚିବା ପାଇଁ ଅଂଶଗ୍ରହଣକାରୀମାନେ ସୂଚନା ସୃଷ୍ଟି କରିବା ଓ ନିଜ ନିଜ ମଧ୍ୟରେ ବାଣ୍ଟିବାକୁ 'ଯୋଗାଯୋଗ' ବୋଲି ସଂଜ୍ଞା ପ୍ରଦାନ କରାଯାଇଛି ।

୧୯୭୯ରେ ଲରେନ୍‌ସ କିନ୍‌କେଡ୍ କନଭର୍ଜେନ୍‌ସ ମଡେଲ୍ ପ୍ରସ୍ତାବିତ କଲେ, ଯାହା ମାନବୀୟ ଯୋଗାଯୋଗର ଏକ ସଂପର୍କ ଆଧାରିତ ଦୃଷ୍ଟିକୋଣ ଆଡକୁ କଢାଇନେଲା ।

ଯେତେବେଳେ ଯୋଗାଯୋଗ ପ୍ରକ୍ରିୟାରେ ସାମିଲ ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ସୂଚନା ଆବଣ୍ଟିତ ହୁଏ, ଏହା ପାରସ୍ପରିକ ସହମତି ଓ  ପାରସ୍ପରିକ ବୁଝାମଣା ପାଇଁ ସାମୂହିକ କାର୍ଯ୍ୟ ଆଡକୁ କଢାଇନିଏ । ନିଷ୍ପତି ନେବା ପୂର୍ବରୁ ବ୍ୟକ୍ତିମାନେ ସୂଚନାଟିକୁ ବୁଝନ୍ତି, ଅର୍ଥ ନିରୂପଣ କରନ୍ତି ଓ ସଫଳ ଭାବେ **ଇଣ୍ଟରପ୍ରିଟ୍**/ଅର୍ଥାନ୍ତର କରନ୍ତି । ଏହି ନମୁନା ଦୃଷ୍ଟିରେ, ଯୋଗାଯୋଗ ଏକକ ଘଟଣା ନ ହୋଇ ଏକ ନେଣଦେଣ ପ୍ରକ୍ରିୟା ହୋଇଥାଏ । ଏହି ନମୁନା ବ୍ୟକ୍ତିମାନଙ୍କ ମଧ୍ୟରେ ସୂଚନା ବିନିମୟ ଓ ସୂଚନା ନେଟୱାର୍କକୁ ଗୁରୁତ୍ୱ ଦିଏ ।

ପୂର୍ବ ନମୁନା ଗୁଡ଼ିକରେ **ବାୟାସ୍/** ପ୍ରରୋଚନାକୁ ପ୍ରଥମେ ଉଲ୍ଲେଖ କରାଯାଇଥିଲା:

୧ . ଯୋଗାଯୋଗକୁ ବୃତ୍ତାକାର ବଦଳରେ ଏକ ସରଳରୈଖୀୟ କାର୍ଯ୍ୟ ରୂପେ ଦେଖାଗଲା ।

୨ . ପାରସ୍ପରିକ ସଂପର୍କ ଓ ପାରସ୍ପରିକ ନିର୍ଭରଶୀଳତା ବଦଳରେ ବାର୍ତ୍ତା-ଉତ୍ସର ବାୟାସକୁ ଅଧିକ ଗୁରୁତ୍ୱ ଥିଲା ।

୩ . ଯୋଗାଯୋଗ ବସ୍ତୁଗୁଡ଼ିକର ଏପରି ବିଶ୍ଳେଷଣ ସେମାନଙ୍କୁ ବୃହତ ପ୍ରେକ୍ଷାପଟ୍ଟରୁ ନିର୍ବାସିତ କରି ରଖୁଥିଲା ।

୪ . ନିରବତା, ଛନ୍ଦ ଓ ସମୟ ତୁଳନାରେ **ଡିସ୍କ୍ରିଟ୍** ବାର୍ତ୍ତାଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଏ ।

୫ . ସହମତି, ରାଜିନାମା ଓ ସାମୂହିକ କାର୍ଯ୍ୟ ତୁଳନାରେ ପ୍ରରୋଚନାକୁ ଅଧିକ ଗୁରୁତ୍ୱ ଦିଆଯାଏ ।

୬ . ସଂପର୍କ ତୁଳନାରେ ବ୍ୟକ୍ତିମାନଙ୍କ ପ୍ରତି ଧ୍ୟାନ ।

୭ . ପାରସ୍ପରିକ କାରଣ ତୁଳନାରେ ଗୋଟିଏ ଏକମୁଖୀ ଯାନ୍ତ୍ରିକ କାରଣ ।

## ୪.୬: ଯୋଗାଯୋଗର ହେଲିକାଲ୍ ମଡେଲ୍/ ବକ୍ରାକୃତି ସ୍ପ୍ରିଙ୍ଗ୍ ନମୁନା




ଚିତ୍ର ୪.୫

୧୯୬୭ରେ, **ହେଲିକ୍ସ** ଦ୍ୱାରା ଅନୁପ୍ରାଣିତ ହୋଇ ଫ୍ରାଙ୍କ୍ ଡ୍ୟାନ୍ସ ଯୋଗାଯୋଗର ଏକ ମଡେଲ୍‌ର ପ୍ରସ୍ତାବ ଦେଲେ ଯାହାକୁ ଯୋଗାଯୋଗର ହେଲିକାଲ୍ ମଡେଲ୍ କୁହାଯାଏ । **ହେଲିକ୍ସ** ହେଉଛି ଗୋଟିଏ ଥ୍ରି-ଡାଇମେନ୍‌ସନ୍ ଥିବା ବା ୩ଟି ପାର୍ଶ୍ୱବିଶିଷ୍ଟ ସିଲିଣ୍ଡର୍ ବା କୋନ୍‌ରେ ଥିବା ସ୍ପ୍ରିଙ୍ଗ୍ ଭଳି ବକ୍ରାକୃତି । ମନୁଷ୍ୟର ଜନ୍ମଠାରୁ ଏପର୍ଯ୍ୟନ୍ତ ବା ସାଂପ୍ରତିକ ସମୟ ପର୍ଯ୍ୟନ୍ତ ଯୋଗାଯୋଗର ବିକାଶକୁ ହେଲିକ୍ସ ସହିତ ତୁଳନା କରାଯାଏ । ହେଲିକାଲ୍ ମଡେଲ୍ ଯୋଗାଯୋଗର ଜ୍ୟାମିତିକ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଏହି ମଡେଲ୍‌ଟି ସରଳରୈଖୀୟ ଓ ବୃତ୍ତାକାରର ମିଶ୍ରରୂପବିଶିଷ୍ଟ ଏବଂ ଏହା ବ୍ୟକ୍ତି ସ୍ୱାତନ୍ତ୍ରତାର ସରଳରୈଖୀୟ ତଥା ବୃତ୍ତୀୟ ଧାରଣା ସହ ସହମତ ହୋଇନଥାଏ ।

## ୪.୬.୧: ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ସ୍ୱରୂପ/ଧାରଣା

ଯୋଗାଯୋଗର ହେଲିକାଲ୍ ମଡେଲ୍‌ଟି ସମୟର ଧାରଣାଟିକୁ ପ୍ରଥମ କରି ଆଣେ, ଯେଉଁଠାରେ ଯୋଗାଯୋଗ ପ୍ରକ୍ରିୟାର ଅବିଚ୍ଛିନ୍ନତା ବା ନିରନ୍ତରତା ଅତି ଗୁରୁତ୍ୱପୂର୍ଣ୍ଣ। ହେଲିକାଲ୍ ମଡେଲ୍‌ରେ ଯୋଗାଯୋଗକୁ ଏକ ଗତିଶୀଳ ପ୍ରକ୍ରିୟା ରୂପେ ଧରାଯାଏ ଏବଂ ଯୁଗ ଅନୁଯାୟୀ ଆମ ଅଭିଜ୍ଞତା ଓ ଶବ୍ଦଜ୍ଞାନ ବଢିବା ସହ ଏହି ମଡେଲ୍ ଯୁଗ ସହିତ ତାଳ ଦେଇ ଆଗେଇଥାଏ।

ପ୍ରଥମେ, ହେଲିକାଲ୍ ସ୍ପ୍ରିଙ୍ଗ୍‌ଟି ନିମ୍ନରେ କ୍ଷୁଦ୍ରାକୃତିର ହୋଇଥାଏ ଓ ଯୋଗାଯୋଗ ପ୍ରକ୍ରିୟା ସହ ବୃଦ୍ଧି ପାଇ ବଡ଼ ହୁଏ। ମାନବୀୟ ଯୋଗାଯୋଗରେ ମଧ୍ୟ ସମାନ ଫଳାଫଳ ଦେଖି ପାରିବା, ଯେଉଁଠି ତୁମେ ପ୍ରଥମେ ଜଣକ ବିଷୟରେ କିଛି ଜାଣି ନଥାଅ କିନ୍ତୁ ପରେ ବ୍ୟକ୍ତିଜଣକୁ ଭଲରେ ଜାଣିବା ପରେ ତାଙ୍କ ସଂପର୍କରେ ଜ୍ଞାନ ଧୀରେ ଧୀରେ ବଢିଥାଏ। ଏହା ଅତୀତରୁ ବର୍ତମାନ ଯାଏଁ ମଣିଷର ସମସ୍ତ କାର୍ଯ୍ୟକଳାପ ହିସାବକୁ ନିଏ।

ଅତୀତର ଆଚରଣ ଓ ଅଭିଜ୍ଞତାର ସୂଚକ ଏହି **କର୍ଭ** ବା ବକ୍ରତା ଦ୍ୱାରା ଯୋଗାଯୋଗ ପ୍ରଭାବିତ ହୋଇଥାଏ। ଧୀରେ ଧୀରେ ହେଲିକ୍ସ ଏହାର ନିମ୍ନଭାଗର ଆଚରଣ ଓ ଅଭିଜ୍ଞତାକୁ ପରିତ୍ୟାଗ କରେ ଏବଂ ଏକ ନୂତନ ଢଙ୍ଗରେ ଉପରକୁ ଉଠେ। ବାର୍ତ୍ତା ଗଠନ କରିବା ପାଇଁ ଏହା ସର୍ବଦା ନିମ୍ନତମ ସ୍ତର ଉପରେ ନିର୍ଭର କରିଥାଏ। ଏହିପରି ଯୋଗାଯୋଗଭିତ୍ତିକ ସଂପର୍କ ପରବର୍ତ୍ତୀ ସ୍ତରରେ ପହଞ୍ଚେ, ଯେଉଁଠି ଲୋକମାନେ ଅଧିକ ସୂଚନା ଆଦାନପ୍ରଦାନ କରନ୍ତି।

ଯୋଗାଯୋଗକୁ ନିରବଛିନ୍ନ ଓ **ନନ୍-ରିପିଟିଟିଭ୍**/ ଦୋହରା ଯାଉନଥିବା ପ୍ରକ୍ରିୟା ବୋଲି ଧରାଯାଏ। ଏହା ସବୁବେଳେ ଉନ୍ନତ ହେଉଥାଏ ଏବଂ ନୂଆ ନୂଆ ଜିନିଷ ସଂଗ୍ରହ କରୁଥାଏ।




ଚିତ୍ର ୪.୬

**ହେଲିକାଲ୍ ମଡେଲ୍‌ର ଉଦାହରଣ**

ଜନ୍ମ ହେବାବେଳେ ଶିଶୁର କ୍ରନ୍ଦନ ପିତାମାତାଙ୍କ ସହ ଶିଶୁର ଯୋଗାଯୋଗକୁ ସୂଚୀତ କରିଥାଏ। କିଛି ବର୍ଷ ପରେ, ଶିଶୁ ଯେତେବେଳେ ଖାଦ୍ୟ ଆବଶ୍ୟକ କରେ ବା ଧ୍ୟାନ ଆକର୍ଷଣ କରିବାକୁ ଚାହେଁ ସେତେବେଳେ କାନ୍ଦେ। ଏହାପରେ ଶିଶୁ **ହାପ୍‌ହାଜାର୍ଡ**/ ଦରବୁଝା ଶବ୍ଦରେ ଯୋଗାଯୋଗ କରିବା ଶିଖିଯାଏ ଏବଂ ଧୀରେ ଧୀରେ ନିର୍ଦ୍ଦିଷ୍ଟ ଭାଷା ଶିଖିବା ଆଡକୁ ଗତିକରେ ଓ ଭାଷା ଜାଣିଥିବା ଲୋକଙ୍କ ସହ ଯୋଗାଯୋଗ କରେ। ଶିଶୁଟି ବୟଃପ୍ରାପ୍ତ ହେବା ସହ ଚଳନ୍ତି ସମୟରେ ପଦାର୍ପଣ କରିବାବେଳେ ଯୋଗାଯୋଗ ଅଧିକ ଜଟିଳ ହୁଏ।

ଜଣେ ଶିଶୁ ଥିବାବେଳେ ଜଣେ ଯେଉଁପରି ଉଚ୍ଚାରଣ, ଶବ୍ଦ ବ୍ୟବହାର କରେ ଓ ମୁଖଭଙ୍ଗୀ ପ୍ରଦର୍ଶନ କରେ, ବଡ଼ ହେବା ପରେ ମଧ୍ୟ ସେହିଭଳି କରିଥାଏ। ଯୋଗାଯୋଗ ତାହାର ଅତୀତର ଶୈଶବ କାଳର ଆଚରଣ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ କିନ୍ତୁ ବୟସ ବଢ଼ିବା ସହ ଏହା ମଧ୍ୟ ବଦଳି ପାରେ।

ଏଠାରେ, ଶିଶୁର କ୍ରନ୍ଦନ ସହ ଯୋଗାଯୋଗର ଉଦ୍‌ଭବ ହୋଇଥାଏ। ଏହା ହେଉଛି ନିମ୍ନଭାଗରେ ହେଲିକ୍ସର କ୍ଷୁଦ୍ରରୂପ। ଯୋଗଯୋଗ ଚାଲୁ ରହିବା ସହ ହେଲିକ୍ସର ଆକାର ଧୀରେ ଧୀରେ ବଢ଼ିଥାଏ। ଯେତେବେଳେ ଯୋଗାଯୋଗ ଅଧିକ ଜଟିଳ ହୁଏ, ଜୀବନ ସହ ତାଳ ଦେଇ ସ୍ପାଇରାଲ୍/ ବୃତ୍ତାକାର ସ୍ପ୍ରିଙ୍ଗ୍‌ର ଆକାର ବୃଦ୍ଧି ପାଏ।

### ୪.୬.୨: ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ଉପକାରୀତା

୧ . ଏହି ମଡେଲ୍ ଅନୁଯାୟୀ ପ୍ରେରକ ଓ ପ୍ରାପକଙ୍କ ଭୂମିକା ବଦଳଯୋଗ୍ୟ ଓ ଯୋଗାଯୋଗ ପ୍ରକ୍ରିୟା ଦ୍ୱିପାକ୍ଷିକ।

୨ . ଏହି ମଡେଲ୍ ଅନୁଯାୟୀ ଯୋଗାଯୋଗ ପ୍ରକ୍ରିୟାଟି ଅନୁମାନଭିତିକ ଓ ବୌଦ୍ଧିକ।

### ୪.୬.୩: ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ଦୁର୍ବଳତା

୧ . ଏହି ମଡେଲ୍‌ଟି ଯେତିକି ସାଧାରଣ ହେବା ଉଚିତ ତା'ଠାରୁ ଅଧିକ ସାଧାରଣ ବୋଲି ଧରାଯାଏ ।

୨ . ଏଥିରେ ଅନେକ ପ୍ରତିବନ୍ଧକ ଥିବାରୁ ବହୁ ସମାଲୋଚକ ଏହାକୁ ଏକ ମଡେଲ୍ ରୂପେ ଗ୍ରହଣ କରନ୍ତିନାହିଁ।

୩ . ଏହା କଳ୍ପନାଭିତିକ ହୋଇଥିବାରୁ ଏହାକୁ ପରଖି ହୁଏନାହିଁ।

୪ . ଏହା ବ୍ୟବସ୍ଥିତ ଓ ସଂଯୋଜିତ ଭାବେ ଉପସ୍ଥାପିତ ହୋଇନଥାଏ।

୫ . ଏହି ମଡେଲ୍‌ରେ ପ୍ରତିବନ୍ଧକଗୁଡ଼ିକୁ ଅଲଗା ଚିହ୍ନଟ କରି ହୁଏନାହିଁ।

୬ . ଯୋଗାଯୋଗ ପାଇଁ ନିରବଚ୍ଛିନ୍ନତା ସବୁବେଳେ ସତ ହୋଇ ନପାରେ। କେତେକ ପରିସ୍ଥିତିରେ ବିରତି ଆସିପାରେ କାରଣ କେତେକ ଘଟଣା ଅର୍ଥହୀନ, ବଳପୂର୍ବକ ଓ ମୂଲ୍ୟହୀନ ହୋଇପାରନ୍ତି।

୭ . ଯୋଗାଯୋଗର ଉଦ୍ଦେଶ୍ୟ ସବୁବେଳେ ବିକାଶ ନୁହେଁ।

## ୪.୬: ଆସ ପ୍ରଗତି ମାପିବା

କ) ନ୍ୟୁକମ୍ବ୍‌ଙ୍କ ଯୋଗାଯୋଗ ନମୁନା ପଛରେ ଥିବା ଧାରଣାଗୁଡ଼ିକର ସଂଜ୍ଞା ଗୁଡ଼ିକ ଆଲୋଚନା କର।

-----------------------------------------------------------------------------------

-----------------------------------------------------------------------------------

-----------------------------------

ଖ) ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ସ୍ୱରୂପ କ'ଣ ?

-----------------------------------------------------------------------------------

-----------------------------------------------------------------------------------

-----------------------------------

ଗ) ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ଉପକାରୀତାଗୁଡ଼ିକ କ'ଣ ?

-----------------------------------------------------------------------------------

-----------------------------------------------------------------------------------

-----------------------------------

ଘ) ୱେଷ୍ଟଲି ଓ ମ୍ୟାକ୍‌ଲିନ୍‌ଙ୍କ ଯୋଗାଯୋଗ ନମୁନାର ଦୁର୍ବଳତାଗୁଡ଼ିକ ଉଲ୍ଲେଖ କର।

-----------------------------------------------------------------------------------

-----------------------------------------------------------------------------------

-----------------------------------

ଙ) ଯୋଗାଯୋଗର କିନ୍‌କେଡ୍‌ଙ୍କ ମଡେଲ/ କନଭର୍ଜେନ୍‌ସ ନମୁନାର ମଡେଲ୍ ପଛରେ ଥିବା ଧାରଣାଗୁଡ଼ିକ କ'ଣ ?

-----------------------------------------------------------------------------------

-----------------------------------------------------------------------------------

-----------------------------------

ଚ) ଯୋଗାଯୋଗର କନଭର୍ଜେନ୍‌ସ ନମୁନାର ପ୍ରମୁଖ ଉପାଦାନଗୁଡ଼ିକ ଉଲ୍ଲେଖ କର।

-----------------------------------------------------------------------------------

-----------------------------------------------------------------------------------

-----------------------------------

ଛ) ଉଦାହରଣ ସହ ଯୋଗାଯୋଗର ହେଲିକାଲ୍ ନମୁନାର ବର୍ଣ୍ଣନା କର।

-----------------------------------------------------------------------------------

-----------------------------------------------------------------------------------

-----------------------------------

ଜ) ଯୋଗାଯୋଗର ହେଲିକାଲ୍ ନମୁନାର ଉପକାରୀତାଗୁଡ଼ିକ କ'ଣ ?

-----------------------------------------------------------------

-----------------------------------------------------------------

------------------------------------

୯) ଯୋଗାଯୋଗର ହେଲିକାଲ୍ ନମୁନାର ଦୁର୍ବଳତାଗୁଡ଼ିକ କ'ଣ ?

-----------------------------------------------------------------

-----------------------------------------------------------------

------------------------------------

## ନମୁନା ପ୍ରଶ୍ନପତ୍ର

### ୟୁନିଟ୍-୧

**୮. ଯୋଗାଯୋଗର ନମୁନାର ସଂପର୍କରେ ଆଲୋଚନା କର। ଏହାର ଉପକାରୀତା କ'ଣ ?**

**ଉତ୍ତର:** ଏହି ମଡେଲ୍ ଯୋଗାଯୋଗ ନମୁନାଗୁଡ଼ିକ ଯୋଗଯୋଗର ସିଦ୍ଧାନ୍ତରୁ ଏବଂ ସିଦ୍ଧାନ୍ତଗୁଡ଼ିକ ମଧ୍ୟ ନମୁନାର ଗୁଡ଼ିକରୁ ସୃଷ୍ଟି ହୋଇଥାନ୍ତି। ଜଟିଳ ବସ୍ତୁ, ଦୃଶ୍ୟମାନ ତଥ୍ୟ ବା ପ୍ରକ୍ରିୟାର ସରଳ ଅର୍ଥ ପ୍ରଦାନ କରିବା ପାଇଁ ଏବଂ ମୌଳିକ ଗୁଣାବଳୀ ଉପରେ ଦୃଷ୍ଟି ଦେବା ଓ ସେଗୁଡ଼ିକୁ ପରୀକ୍ଷା କରିବା ପାଇଁ ସିଦ୍ଧାନ୍ତରୁ ମଡେଲ୍‌ଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ମଡେଲ୍‌ଗୁଡ଼ିକ ଏଭଳି କେତେକ ଜଟିଳ ବୈଶିଷ୍ଟ୍ୟ ଉପରେ ଧ୍ୟାନ ଆକର୍ଷଣ କରିଥାନ୍ତି, ଅନ୍ୟଥା ଯାହା ଉପରେ ସେଭଳି ଦୃଷ୍ଟି ପଡ଼ି ନଥାନ୍ତା। ତେଣୁ, ନମୁନାର ପରୀକ୍ଷଣ କର. ଜଣେ ବସ୍ତୁ, ପରିସ୍ଥିତି ବା ପ୍ରକ୍ରିୟା ବିଷୟରେ ଜାଣିବା ସହିତ ଏହାର ନିର୍ମାତା ବା ରୂପକାରଙ୍କ ଦୃଷ୍ଟିଭଙ୍ଗୀ ସଂପର୍କରେ ଜାଣି ପାରେ।

**ଯୋଗାଯୋଗ ମଡେଲ୍‌ର ଉପକାରୀତା:**

କ) ସିଦ୍ଧାନ୍ତର ଜଟିଳ ତତ୍ତ୍ୱର ସରଳୀକରଣରେ ମଡେଲ୍ ସାହାଯ୍ୟ କରେ।

ଖ) ସିଦ୍ଧାନ୍ତ ସହ ଜଡ଼ିତ ଉପାଦାନ ଓ ପ୍ରକ୍ରିୟାଗୁଡ଼ିକୁ ବୁଝିବାରେ ଏହା ଗବେଷକ ଓ ଛାତ୍ରମାନଙ୍କୁ ସାହାଯ୍ୟ କରେ।

ଗ) ଏହା ସିଦ୍ଧାନ୍ତର ଦୃଷ୍ଟିଭଙ୍ଗୀ ସଂପର୍କରେ ଗଭୀର ଧାରଣା ଦିଏ।

ଘ) ମଡେଲ୍ ବାସ୍ତବ ଦୁନିଆର କାଳ୍ପନିକ ପ୍ରତିରୂପ ହୋଇଥିବାରୁ ଭିନ୍ନ ସମୟରେ ଭିନ୍ନ ରୂପ ପାଇଁ ପ୍ରଯୁଜ୍ୟ ହୋଇପାରେ।

**୯. ଯୋଗାଯୋଗର ସରଳରୈଖୀୟ ଓ ଅଣ-ସରଳରୈଖୀୟ ମଡେଲ୍ କ'ଣ ?**

**ଉତ୍ତର:** ଯୋଗାଯୋଗର ସରଳରୈଖୀୟ ଓ ଅଣ-ସରଳରୈଖୀୟ ମଡେଲ୍‌ଗୁଡ଼ିକୁ ସିମ୍ବଲିକ୍/ସାଂକେତିକ ମଡେଲ୍, ଫିଜିକାଲ୍/ଭୌତିକ ମଡେଲ, ମେଣ୍ଟାଲ୍/ମାନସିକ ମଡେଲ, ଭର୍ଟିକାଲ୍ ମଡେଲ, ଆଇକନିକ୍ ମଡେଲ, ଆନାଲଗ୍ ମଡେଲ ଓ ମାଥମେଟିକାଲ୍/ଗାଣିତିକ ମଡେଲ ଏହିପରି ବିଭିନ୍ନ ରୂପରେ ଉପସ୍ଥାପିତ କରାଯାଇପାରେ।

**ସରଳରୈଖୀୟ ମଡେଲ:** ଏହି ସବୁ ଏକମୁଖୀ ମଡେଲ୍ ବକ୍ତାଠାରୁ ଅଡିଏନ୍‌ସ ନିକଟକୁ ପ୍ରଭାବଯୁକ୍ତ କିମ୍ବା ପ୍ରଭାବଶୂନ୍ୟ ବାର୍ତ୍ତା ପ୍ରବାହକୁ ରୂପାୟିତ କରନ୍ତି। ଏହି ମଡେଲ୍‌ଗୁଡ଼ିକ ଉଭୟ ଭର୍ଟିକାଲ୍ କିମ୍ବା ହୋରାଇଜଂଟାଲ୍ ମଡେଲ ହୋଇ ପାରନ୍ତି। ପ୍ରାରମ୍ଭିକ ମଡେଲ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ ସରଳରୈଖୀୟ ମଡେଲ୍। ଗୁରୁତ୍ୱପୂର୍ଣ୍ଣ ଧାରଣା ପ୍ରଦାନ କରୁଥିବା ସେହି ମୂଳଭିତି ମଡେଲ୍‌ଗୁଡ଼ିକ ପରେ ନ୍-ଲିନିୟର୍/ ଅଣ-ସରଳରୈଖୀୟ, ଇଣ୍ଟାରାକ୍ସନ୍/ ପାରସ୍ପରିକ ଭାବବିନିମୟ/, ଟ୍ରାନ୍‌ଜାକ୍ସନ୍. ନେଣଦେଣ ଓ କନଭର୍ଜେନ୍‌ସ/ ସମ୍ମିଳିତ ମଡେଲ୍ ରୂପେ ବିକଶିତ ହେଲେ।

**ଅଣ-ସରଳରୈଖୀୟ ମଡେଲ:** ଅଣ-ସରଳରୈଖୀୟ ମଡେଲ୍‌ଗୁଡ଼ିକ **ସାଇବରନେଟିକ୍** ନିୟମକୁ ଅନୁସରଣ କରନ୍ତି। ସାଇବରନେଟିକ୍ ସ୍ପଷ୍ଟୀକରଣର ୪ଟି ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲେ- ଇନ୍‌ଫର୍ମେସନ୍/ସୂଚନା, ଫିଡ୍‌ବ୍ୟାକ୍, ନେଟ୍‌ୱାର୍କ ଓ ପରପୋଜ୍ ବା ଉଦ୍ଦେଶ୍ୟର ଧାରଣା।

ଭାବବିନିମୟ, ଆତ୍ମ-ସୃଜନ ଓ ସୂଚନାର ଆଦାନପ୍ରଦାନ ଭଳି ବିଶ୍ଳେଷଣାତ୍ମକ ଧାରଣା ଦ୍ୱାରା ଅଣ-ସରଳରୈଖୀୟ ମଡେଲ୍‌ଗୁଡ଼ିକରେ ମାନବୀୟ ଯୋଗାଯୋଗକୁ ବୁଝାଯାଏ। ଏହି ମଡେଲ୍‌ଗୁଡ଼ିକରେ ସୂଚନାର ପ୍ରବାହ ଦୁଇପାର୍ଶ୍ୱବିଶିଷ୍ଟ କିମ୍ବା ବହୁପାର୍ଶ୍ୱବିଶିଷ୍ଟ ହୋଇପାରେ। ଏହି ମଡେଲ୍‌ଗୁଡ଼ିକ ବୃତାକାର ଓ କନଭର୍ଜେନ୍‌ସ/ ସମ୍ମିଳିତ ମଡେଲ୍।

**୧୦ . ଯୋଗାଯୋଗର ମଡେଲ୍ ଥିବାରୁ କି ଉପକାର ମିଳେ ?**

**ଉତ୍ତର:** ମୋର୍ଟନସେନ୍‌ଙ୍କ ମତରେ ଗୋଟିଏ ଭଲ ମଡେଲ୍‌ର ଉପାଦେୟତା ହେଉଛି ଏହା ଉଭୟ ସାଧାରଣ ଦୃଷ୍ଟିଭଙ୍ଗୀ ଓ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ପ୍ରଦାନ କରିବା ଫଳରେ ପ୍ରଶ୍ନ ପଚାରିବା ଓ ଆଖିରେ ପଡୁଥିବା ମାମୁଲି ଘଟଣାର ଅର୍ଥ ବୁଝିବାକୁ ସହଜ କରିଥାଏ।

**ଯୋଗାଯୋଗ ମଡେଲ୍‌ଗୁଡ଼ିକର ଗୁରୁତ୍ୱ:**

କ) ଜଟିଳ ଘଟଣାର ସଂରଚନାକୁ ସ୍ପଷ୍ଟ କରିବାରେ ମଡେଲ୍‌ଗୁଡ଼ିକ ସାହାଯ୍ୟ କରନ୍ତି।

ଖ) ଏହି କ୍ଷେତ୍ରରେ ଅଧିକ ଗବେଷଣା ପାଇଁ ଏହା **ଇନ୍‌ଫରେନ୍‌ସ** ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ।

**୧୧ . ଯୋଗାଯୋଗର ମଡେଲ୍‌ଗୁଡ଼ିକର ଦୁର୍ବଳତା ସବୁ କ'ଣ ?**

**ଉତ୍ତର:** ଯୋଗାଯୋଗର ମଡେଲ୍‌ଗୁଡ଼ିକର ଦୁର୍ବଳତାଗୁଡ଼ିକ ହେଲା:-

କ) ଅଧିକ ସରଳିକରଣ ଆଡକୁ ଭୁଲ୍‌ରେ କଢାଇନିଏ

ଖ) ଉପାଦେୟତା- ମଡେଲ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ/ବିନ୍ଦୁଗୁଡ଼ିକୁ ଛାଡ଼ି ଯିବାର ଆଶଂକା ଥାଏ।

ଗ) ମଡେଲ୍ ଓ ଏହା ପ୍ରଦର୍ଶନ କରୁଥିବା ଆଚରଣ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାର ଆଶଂକା ଥାଏ। **(ଅଧିକ ଜାଣିବା ପାଇଁ- ୟୁନିଟ୍-୧ ଦେଖ)**

**ୟୁନିଟ୍-୨ ପରେ..**

**୧. ଯୋଗାଯୋଗର ଲାସ୍‌ୱେଲ୍‌ଙ୍କ ମଡେଲ୍‌ର ଉପକାରୀତା ଓ ଦୁର୍ବଳତା ଗୁଡ଼ିକ କ'ଣ ?**

ଏହା ଯୋଗାଯୋଗର ଏକ ସରଳରୈଖୀୟ ମଡେଲ୍।

**ଉତ୍ତର:** ଲାସ୍‌ୱେଲ୍‌ଙ୍କ ମଡେଲ୍ ଅନୁଯାୟୀ ବାର୍ତ୍ତାଗୁଡ଼ିକ ଏକ ବିବିଧ ସଂସ୍କୃତିର ସମାଜରେ ବିବିଧ ଅଡିଏନ୍‌ସଙ୍କ ସହିତ ପ୍ରବାହିତ ହୁଏ। ବାର୍ତ୍ତାଗୁଡ଼ିକର ପ୍ରବାହ ବିଭିନ୍ନ ଚ୍ୟାନେଲ୍ ଜରିଆରେ ହୋଇଥାଏ। ଲାସ୍‌ୱେଲ୍‌ଙ୍କ ଯୋଗାଯୋଗ ମଡେଲ୍‌ଟି ଆରିଷ୍ଟୋଟଲ୍‌ଙ୍କ ଯୋଗାଯୋଗ ମଡେଲ୍ ଭଳି।

**ଯୋଗାଯୋଗର ଲାସ୍‌ୱେଲ୍‌ଙ୍କ ମଡେଲ୍‌ର ଉପକାରୀତା:**

- ଏହା ସହଜ ଓ ସରଳ।
- ଏହା ପ୍ରାୟ ସମସ୍ତ ପ୍ରକାରର ଯୋଗାଯୋଗ ସହ ଖାପ ଖାଏ।
- ପ୍ରଭାବର ଧାରଣା ଏଥିରେ ଉଲ୍ଲେଖ ରହିଛି।

**ଯୋଗାଯୋଗର ଲାସ୍‌ୱେଲ୍‌ଙ୍କ ମଡେଲ୍‌ର ଦୁର୍ବଳତା:**

- ଫିଡ୍‌ବ୍ୟାକ୍‌ର ଧାରଣା ଏଥିରେ ଉଲ୍ଲେଖ ନାହିଁ।
- ଯୋଗାଯୋଗ ପ୍ରକ୍ରିୟାରେ ନଏଜ୍‌ର ଉଲ୍ଲେଖ ନାହିଁ।

**୨. ଯୋଗାଯୋଗର ଓସ୍‌ଗୁଡ଼-ସ୍କ୍ରାମ୍‌ଙ୍କ ମଡେଲ୍ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।**

**ଉତ୍ତର:** ୱିଲବର୍ ସ୍କ୍ରାମ୍‌ଙ୍କ ଦ୍ଵାରା ୧୯୫୪ରେ ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍ ପ୍ରଣୟନ ହୋଇଥିଲା, ଏଥିରେ ସେ କହିଥିଲେ ଯେ ଯୋଗାଯୋଗ ହେଉଛି ଏକ ଦ୍ୱିମୁଖୀ ପ୍ରକ୍ରିୟା, ଯେଉଁଥିରେ ଉଭୟ ପ୍ରେରକ ଓ ପ୍ରାପକ ଗୋଟିଏ ବାର୍ତ୍ତା ପଠାଇବା ଓ ପାଇବା ପାଇଁ ପାର୍ଶ୍ଵ ପରିବର୍ତ୍ତନ କରିଥାନ୍ତି।

ଏହି ମଡେଲ୍ ଅନୁଯାୟୀ ଯୋଗାଯୋଗ ଏକ ଅସରନ୍ତି ପ୍ରକ୍ରିୟା, ଯେଉଁଥିରେ ବାର୍ତ୍ତା ଓ ଫିଡ୍‌ବ୍ୟାକ୍ ସାମିଲ୍ ଥାଏ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ ହୋଇଥାନ୍ତି, ତେଣୁ ସବୁ ପାଳିରେ ବାର୍ତ୍ତାର ଅର୍ଥାନ୍ତର ହେବା ଆବଶ୍ୟକ। ଅର୍ଥାନ୍ତର କରାଯାଇଥିବା ତଥ୍ୟକୁ ସୂଚନା କୁହାଯାଏ। ଏହା ଯୋଗାଯୋଗକୁ ସଫଳ କରେ, କିନ୍ତୁ ଏନ୍‌କୋଡ୍  ହେବା ପରେ ବାର୍ତ୍ତାଟି ପ୍ରାପକ ଦ୍ଵାରା ଡିକୋଡ୍ ହେବାବେଳେ ବଦଳି ଯିବାର ଆଶଙ୍କା ଥିବାରୁ ଏହା ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏହି ମଡେଲ୍‌ଟି କେବଳ ପ୍ରେରକ ଓ ପ୍ରାପକ  କଥା କହୁଥିବା ଅନ୍ୟ ମଡେଲ୍‌ଗୁଡ଼ିକ ଭଳି ପାରମ୍ପରିକ ନୁହେଁ।

ଫିଡ୍‌ବ୍ୟାକ୍ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଉପାଦାନ କାରଣ ବାର୍ତ୍ତାଟି ଯେଉଁ ଉଦ୍ଦେଶ୍ୟରେ ପ୍ରେରିତ ସେହି ଉଦ୍ଦେଶ୍ୟରେ ପ୍ରାପକ ବୁଝି ପାରିଲା କି ନାହିଁ ଜାଣିବା ପାଇଁ ଏହା ପ୍ରେରକକୁ ସୁଯୋଗ ଦେଇଥାଏ। ଯଦି ପ୍ରାପକ ପ୍ରେରିତ ବାର୍ତ୍ତାର ଉଦ୍ଦେଶ୍ୟଟିକୁ ବୁଝିପାରେ ନାହିଁ ତେବେ ବାର୍ତ୍ତାଟି ନିରର୍ଥକ ହୁଏ , ଫଳରେ ଫିଡ୍‌ବ୍ୟାକ୍ ମଧ୍ୟ ଆଶାର ବିପରୀତ ହୋଇଥାଏ।

**୩ . ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ବିଭିନ୍ନ ଉପାଦାନଗୁଡ଼ିକ କ'ଣ ?**

**ଉତ୍ତର:** ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ବିଭିନ୍ନ ଉପାଦାନ ଅଛି, ଯେଉଁଥିରେ

- **ସେଣ୍ଡର(ଟ୍ରାନ୍ସମିଟର୍)** ବା ପ୍ରେରକ ହେଉଛନ୍ତି ବାର୍ତ୍ତା ପ୍ରେରଣ କରିଥିବା ବ୍ୟକ୍ତି।
- କୋଡ୍‌ରେ ପ୍ରେରଣ କରାଯିବା ପାଇଁ ବାର୍ତ୍ତାକୁ ରୂପାନ୍ତରିତ କରୁଥିବା ବ୍ୟକ୍ତି ହେଉଛନ୍ତି **ଏନ୍‌କୋଡର୍**। **ଡିକୋଡର୍** ହେଉଛନ୍ତି ସେହି ବ୍ୟକ୍ତି ଯିଏ ପ୍ରେରକ ଦ୍ଵାରା ଏନ୍‌କୋଡ୍ ହୋଇ ପ୍ରେରିତ ବାର୍ତ୍ତାକୁ ପାଆନ୍ତି ଓ ଏହାକୁ ବ୍ୟକ୍ତି ବୁଝିପାରୁଥିବା ଭାଷାରେ ଡିକୋଡ୍ କରନ୍ତି।
- **ଇଂଟରପ୍ରିଟର୍** ହେଉଛନ୍ତି ସେହି ବ୍ୟକ୍ତି ଯିଏ ବାର୍ତ୍ତାକୁ ବୁଝିବା ଓ ବିଶ୍ଳେଷଣ କରିବା ପାଇଁ ଚେଷ୍ଟା କରନ୍ତି। **ଇଂଟରପ୍ରିଟେସନ** ବା ଭାବପ୍ରକାଶ ପରେ ବାର୍ତ୍ତାଟି ବୁଝା ପଡ଼ିଥାଏ। **ଇଣ୍ଟରପ୍ରିଟର୍** ଓ **ରିସିଭର୍** ସମାନ ବ୍ୟକ୍ତି ହୋଇଥାନ୍ତି।
- **ରିସିଭର୍** ହେଉଛନ୍ତି ବାର୍ତ୍ତା ପାଉଥିବା ବ୍ୟକ୍ତି। ସେ ପ୍ରକୃତ ବାର୍ତ୍ତାଟିକୁ ଡିକୋଡ୍ କରି ଏହାର ଅର୍ଥ ଜାଣନ୍ତି।
- **ସେଣ୍ଡର**/ପ୍ରେରକ ପଠାଉଥିବା **ଡାଟା**/ତଥ୍ୟ ଓ **ରିସିଭର୍** / ପ୍ରାପକ ପାଉଥିବା **ଇନଫର୍ମେସନ /** ସୂଚନାକୁ **ମେସେଜ୍ /** ବାର୍ତ୍ତା କୁହାଯାଏ।
- ପ୍ରେରିତ ବାର୍ତ୍ତା ଉପରେ ପ୍ରାପକର ପ୍ରତିକ୍ରିୟା ପ୍ରକାଶକୁ **ଫିଡ୍‌ବ୍ୟାକ୍** କୁହାଯାଏ।
- ବାର୍ତ୍ତା ପଠାଇବା ପାଇଁ ବ୍ୟବହୃତ ଚ୍ୟାନେଲ୍ ବା ମାଧ୍ୟମକୁ ମିଡିୟମ୍ ବା **ମିଡିଆ** କୁହାଯାଏ।

* ପ୍ରକ୍ରିୟା ଚାଲିଥିବାବେଳେ ସୃଷ୍ଟି ହେଉଥିବା ହସ୍ତକ୍ଷେପ ଓ ବ୍ୟାଘାତକୁ **ନଏଜ୍** କୁହାଯାଏ। ପ୍ରେରକ ପଠାଇଥିବା ବାର୍ତ୍ତାର ଅନ୍ତର୍ନିହିତ ଅର୍ଥ ସହିତ ପ୍ରାପକ ବାର୍ତ୍ତାରୁ ବାହାର କରିଥିବା ଅର୍ଥ ଯଦି ଭିନ୍ନ ହୁଏ ତେବେ ନଏଜ୍ ସୃଷ୍ଟି ହୁଏ, ଏହାକୁ **ସିମାଣ୍ଟିକ୍ ନଏଜ୍** କୁହାଯାଏ।

**୪ . ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର କାର୍ଯ୍ୟକାରିତା ବୁଝାଅ।**

**ଉତ୍ତର:** ଏହି ମଡେଲ୍ ଦର୍ଶାଏ ଯେ ଜଣେ ବ୍ୟକ୍ତିଠାରୁ ଅନ୍ୟଜଣଙ୍କ ନିକଟକୁ ଅର୍ଥ ସ୍ଥାନାନ୍ତରିତ ହୋଇଥାଏ। **ଉଭୟ ବ୍ୟକ୍ତିଗତ ଓ ବ୍ୟକ୍ତି-ବ୍ୟକ୍ତି ଯୋଗାଯୋଗରେ** ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍ ବ୍ୟବହୃତ ହୁଏ।

ଏହି ମଡେଲ୍ ଅନୁଯାୟୀ ଯୋଗାଯୋଗ ଏକ ଅସରନ୍ତି ପ୍ରକ୍ରିୟା, ଯେଉଁଥିରେ **ମେସେଜ୍**/ବାର୍ତ୍ତା ଓ **ଫିଡ୍‌ବ୍ୟାକ୍**/ମତାମତ ସାମିଲ୍ ଥାଏ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ ଅଟନ୍ତି, ତେଣୁ ଉଭୟ ପାର୍ଶ୍ୱ/ପାଳିରେ **ଇଣ୍ଟରପ୍ରିଟେସନ** ବା ଭାବପ୍ରକାଶ ଆବଶ୍ୟକ। **ଇଣ୍ଟରପ୍ରିଟେଡ୍** ବା ଅର୍ଥ ପ୍ରକାଶିତ ତଥ୍ୟକୁ ସୂଚନା କୁହାଯାଏ। ଏହା ଯୋଗାଯୋଗକୁ ସଫଳ କଲେ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ, କାରଣ ପ୍ରାପକ ଦ୍ୱାରା ଡିକୋଡ୍ ହେବାବେଳେ ବାର୍ତ୍ତାଟି ଏନ୍‌କୋଡ୍ ହୋଇ ପଠାଯାଇଥିବା ବାର୍ତ୍ତା ସହ ସମାନ ନ ହେବାର ଆଶଂକା ରହିଛି। ତେଣୁ ଏହି ମଡେଲ୍‌ଟି କେବଳ ପ୍ରେରକ ଓ ପ୍ରାପକ କଥା କହୁଥିବା ଅନ୍ୟ ପାରମ୍ପରିକ ମଡେଲ୍/ନମୁନା ସହ ସମାନ ନୁହେଁ।

**୫ . ଫିଲ୍ଡ ଅଫ୍ ଏକ୍ସପେରିଏନ୍ସ କ'ଣ ?**

**ଉତ୍ତର: ଫିଲ୍ଡ ଅଫ୍ ଏକ୍ସପେରିଏନ୍ସ** ବା ଅଭିଜ୍ଞତାର କ୍ଷେତ୍ରରେ, ଧାରଣା ଓ ଅର୍ଥ ପ୍ରକାଶକୁ ପ୍ରଭାବିତ କରୁଥିବା ସବୁ କିଛି ଯଥା:- ସଂସ୍କୃତି, ସାମାଜିକ ପୃଷ୍ଠଭୂମି , ବିଶ୍ୱାସ, ଅଭିଜ୍ଞତା, ମୂଲ୍ୟବୋଧ ଓ ନିୟମ ଆଦି ଅନ୍ତର୍ଭୁକ୍ତ। ସମାନ ବାର୍ତ୍ତାକୁ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ରୂପରେ ବ୍ୟାଖ୍ୟା କରିପାରନ୍ତି।

ଯଦି ସେମାନେ( ପ୍ରେରକ ଓ ପ୍ରାପକ) ସମାନ ସଂକେତ ଓ ଶବ୍ଦଗୁଡ଼ିକ ବ୍ୟବହାର କରୁଥାନ୍ତି ତେବେ ସେମାନେ ଅଧିକ ଦକ୍ଷତାର ସହ ଯୋଗାଯୋଗ କରିଥାନ୍ତି।

**୬ . ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ଉପାଦେୟତା ଓ ଦୁର୍ବଳତା ଗୁଡ଼ିକ କ'ଣ ?**

**ଓସ୍‌ଗୁଡ୍ - ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ଉପାଦେୟତା**

କ) ବୃତ୍ତାକାର ଯୋଗାଯୋଗ ଉଭୟ ପକ୍ଷକୁ ସେମାନଙ୍କର ମତାମତ ଦେବାର ସୁଯୋଗ ଦିଏ।

ଖ) ଏଥିରେ ସାମିଲ୍ ଥିବା ସିମାଣ୍ଟିକ୍ ନଏଜ୍‌ର ଧାରଣାଟି ବାର୍ତ୍ତାର **ଇଣ୍ଟରପ୍ରିଟେସନ୍** ବା ଅର୍ଥପ୍ରକାଶ ବେଳର ସମସ୍ୟାକୁ ବୁଝିବାରେ ସହାୟକ ହୁଏ।

ଗ) ପ୍ରାପକ ବାର୍ତ୍ତାଟିର ଉଦ୍ଦିଷ୍ଟ ଅର୍ଥ ବୁଝିପାରିଲେ କି ନାହିଁ, ଫିଡ୍‌ବ୍ୟାକ୍ ତାହା ଜାଣିବାକୁ ସହଜ କରିଦିଏ।

**ଓସ୍‌ଗୁଡ୍ - ସ୍କ୍ରାମ୍‌ଙ୍କ ଯୋଗାଯୋଗ ମଡେଲ୍‌ର ଦୁର୍ବଳତା**

କ) ଏହି ମଡେଲ୍ ସିମାଣ୍ଟିକ୍ ନଏଜ୍ ବିଷୟରେ ଆଲୋଚନା କରେନାହିଁ ଏବଂ ଏନ୍‌କୋଡିଂ ଓ ଡିକୋଡିଂ ଆପେ ଆପେ ହୁଏ ବୋଲି ଏହା ଧରିନିଏ।ଏହା ଏହି ମଡେଲ୍‌ର ଏକ ପ୍ରମୁଖ ଦୁର୍ବଳତା।

ଖ) ଏହି ମଡେଲ୍ **ମଲ୍ଟି-କମ୍ୟୁନିକେସନ୍ ଲେଭଲ୍** ବା ବହୁମୁଖୀ ଯୋଗାଯୋଗ ବା ଜଟିଳ ଯୋଗାଯୋଗ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରେ ନାହିଁ।

ଗ)କେବଳ ଯୋଗାଯାଗର ଦୁଇଟି ଉତ୍ସ ରହିପାରେ, ଅଧିକ ଉତ୍ସ ଯୋଗାଯୋଗକୁ ଜଟିଳ କରି ଦେଇପାରେ ଏବଂ ମଡେଲଟି ପ୍ରଯୁଜ୍ୟ ହୋଇପାରେ ନାହିଁ।

**(ଅଧିକ ସୂଚନା ପାଇଁ ୟୁନିଟ୍-୩ ଦେଖନ୍ତୁ)**

**ୟୁନିଟ୍-୩ ପରଠାରୁ**

**୧ . ସାନନ୍ – ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ର ଉପାଦେୟତା ସଂପର୍କରେ ବର୍ଣ୍ଣନା କର।**

୧୯୪୮ରେ ଆମେରିକୀୟ ଗଣିତଜ୍ଞ ତଥା ଇଲେକ୍ଟ୍ରୋନିକ୍ ଇଂଜିନିୟର୍ ସାନନ୍ ଏବଂ ଆମେରିକୀୟ ବୈଜ୍ଞାନିକ ୱିଭର୍ ମିଳିତ ଭାବେ **ବେଲ୍ ସିଷ୍ଟମ ଅଫ୍ କମ୍ୟୁନିକେସନ୍** ରେ ଏକ ନିବନ୍ଧ ଲେଖିଥିଲେ ଯାହାକୁ ମଧ୍ୟ ସାନନ୍ -ୱିଭର୍ ଯୋଗାଯୋଗ ମଡେଲ୍ ବୋଲି କୁହାଯାଏ।

ପ୍ରେରକ ଓ ପ୍ରାପକ ମଧ୍ୟରେ ସଫଳ ଯୋଗାଯୋଗର ବିକାଶ ପାଇଁ ଏହି ମଡେଲ୍ ବିକଶିତ ହୋଇଥିଲା। ସେମାନେ ମଧ୍ୟ ଯୋଗାଯୋଗ ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା କାରକସମୂହ ବା **ନଏଜ୍**କୁ ପ୍ରଥମେ ଠାବ କରିଥିଲେ। ପ୍ରଥମେ ବୈଷୟିକ ଯୋଗାଯୋଗର ଉନ୍ନତିକରଣ ପାଇଁ ଏହି ମଡେଲ୍ ବିକଶିତ ହୋଇଥିଲା।

**୨ . ସାନନ୍ – ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ର ଦୁର୍ବଳତା ସଂପର୍କରେ ବର୍ଣ୍ଣନା କର।**

ସାନନ୍ – ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌ର ଦୁର୍ବଳତାଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା।

କ) ଗୋଷ୍ଠୀ ବା ସମୂହ ଅଡିଏନ୍‌ସ ତୁଳନାରେ ବ୍ୟକ୍ତି-ବ୍ୟକ୍ତି ଯୋଗାଯୋଗରେ ଏହାର କାର୍ଯ୍ୟକାରିତା ଅଧିକ।

ଖ)ପ୍ରେରକ ଓ ପ୍ରାପକ ଉପରେ ଏହି ମଡେଲ୍ ଆଧାରିତ। ଏଠାରେ ପ୍ରେରକ ମୌଳିକ ଭୂମିକା ନିଭାଏ ଏବଂ ପ୍ରାପକ ଗୌଣ ଭୂମିକା ନିଭାଏ। (ବାର୍ତ୍ତା ଗ୍ରହଣ କରେ ବା ନିଷ୍କ୍ରିୟ)।

ଗ) ଯୋଗାଯୋଗ ଗୋଟିଏ ଏକମୁଖୀ ପ୍ରକ୍ରିୟା ନୁହେଁ। ଫିଡ୍‌ବ୍ୟାକ୍‌ର ଅନୁପସ୍ଥିତିରେ ଏହା ଗୋଟିଏ ଏକମୁଖୀ ପ୍ରକ୍ରିୟାରେ ପରିଣତ ହୁଏ।

**୩. ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ମଡେଲ୍ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।**

**ଉତ୍ତର:** ମେଲ୍‌ଭିନ୍ ଡି ଫ୍ଲିୟର୍ ମାସ୍ ମିଡିଆ ଡିଭାଇସ୍‌କୁ ଏହା ଭିତରେ ପୂରାଇ ସାନନ୍- ୱିଭର୍‌ଙ୍କ ଯୋଗାଯୋଗ ମଡେଲ୍‌କୁ କେବଳ ସଂପ୍ରସାରିତ କରିଛନ୍ତି। ତାଙ୍କ ମତରେ ଯୋଗାଯୋଗ ହେଉଛି ଏକ ବୃତାକାର ପ୍ରକ୍ରିୟା ଏବଂ ଏହା ମଧ୍ୟ ସଂଭାବ୍ୟ ଦ୍ୱିମୁଖୀ ଫିଡ୍‌ବ୍ୟାକ୍ ପ୍ରଦାନ କରିଥାଏ। ସାମଗ୍ରିକ ଭାବେ ଏହି ଯୋଗାଯୋଗ ପ୍ରକ୍ରିୟାରେ ଯେ କୌଣସି ପର୍ଯ୍ୟାୟରେ **ନଏଜ୍** ସୃଷ୍ଟି ହୋଇପାରେ। ଉତ୍ସ, ପ୍ରସାରଣକାରୀ, ପ୍ରାପକ ଓ ଲକ୍ଷ୍ୟସ୍ଥଳକୁ ଡି ଫ୍ଲିୟର୍ ଗଣ ଯୋଗାଯୋଗର ଅଲଗା ଅଲଗା ପର୍ଯ୍ୟାୟ ରୂପେ ଚିତ୍ରିତ କଲେ। ଡି ଫ୍ଲିୟର୍ ତାଙ୍କ ମଡେଲ୍‌କୁ **'ଫିଡ୍‌ବ୍ୟାକ୍ ଡିଭାଇସ୍'** ବୋଲି କହିଲେ। ଏହି ଫିଡ୍‌ବ୍ୟାକ୍ ବ୍ୟବସ୍ଥା (ପ୍ରାପକ ଅଡିଏନ୍‌ସଠାରୁ ନିଆରା ରୂପେ) ଟାରଗେଟ୍ ଅଡିଏନ୍‌ସ ବା ଉଦ୍ଦିଷ୍ଟ ପାଠକଦର୍ଶକଙ୍କୁ ବିଶ୍ଳେଷଣ କରିବାରେ ସାହାଯ୍ୟ କରେ।

ଏଠାରେ ସମସ୍ତ ପ୍ରାପକମାନଙ୍କୁ ଟାରଗେଟ୍ ଅଡିଏନ୍ସ ବା ଉଦ୍ଦିଷ୍ଟ ପାଠକଦର୍ଶକ ରୂପେ ଧରା ଯାଏନାହିଁ କାରଣ ଟାରଗେଟ୍ ଅଡିଏନ୍ସ କିଛି ନା କିଛି ଫଇଡ୍‌ବ୍ୟାକ୍ ପ୍ରଦାନ କରନ୍ତି, ଯାହା ଫିଡ୍‌ବ୍ୟାକ୍ ଡିଭାଇସ୍ ବ୍ୟବହାର କରି ଟାରଗେଟ୍ ଅଡିଏନ୍ସଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରେ।

**୪. ଡି ଫ୍ଲିୟରଙ୍କ ଯୋଗାଯୋଗ ମଡେଲ୍ ଓ ସାନନ୍ – ୱିଭରଙ୍କ ଯୋଗାଯୋଗ ମଡେଲ୍ ମଧ୍ୟରେ ତୁଳନା କର।**

**ଉତ୍ତର:** ଏହି ଦୁଇଟି ମଡେଲ୍ ମଧ୍ୟରେ ଅନେକ ସାଦୃଶ୍ୟ ରହିଛି। ସାନନ୍- ୱିଭର୍‌ଙ୍କ ଯୋଗାଯୋଗ ମଡେଲ ହେଉଛି ଏକମୁଖୀ ଯୋଗାଯୋଗ ଆଧାରିତ। ଡି ଫ୍ଲିୟର୍‌ଙ୍କ ଯୋଗାଯୋଗ ମଡେଲ୍ ମଧ୍ୟ ଏକମୁଖୀ ଯୋଗାଯୋଗ ସହ ଆରମ୍ଭ ହୁଏ କିନ୍ତୁ ଦ୍ୱିମୁଖୀ ଯୋଗାଯୋଗ ଆଡକୁ ଅଗ୍ରସର ହୋଇଥାଏ।

**୪. ଟୁ-ଷ୍ଟେପ୍ ଫ୍ଲୋ ମଡେଲ୍ କ'ଣ ଏବଂ ଏଥିରେ ଓପିନିୟନ୍ ଲିଡର୍/ମୁଖପାତ୍ରଙ୍କ ଧାରଣା କିପରି ବ୍ୟବହାର କରାଯାଇଛି ?**

**ଉତ୍ତର:** ଆମେରିକୀୟ ସାମାଜିକ ଗବେଷକ ପଲ୍ ଲାଜାର୍ସଫେଲ୍‌ଡ, ବର୍ନାଡ୍ ବେରେଲ୍‌ସନ ଓ ହାଜଲ୍ ଗଡେଟ୍ ଏକ ପୁସ୍ତକରେ ଟୁ-ଷ୍ଟେପ୍ ଫ୍ଲୋ ସିଦ୍ଧାନ୍ତର ପ୍ରଥମ ଉପସ୍ଥାପନା

**ଓପିନିୟନ୍ ଲିଡର୍ ବା ମୁଖପାତ୍ରଙ୍କ ସଂପର୍କରେ ଧାରଣା**

ଗୋଷ୍ଠୀରେ କମ୍ ସକ୍ରିୟ ଥିବା ସଦସ୍ୟମାନଙ୍କୁ ପ୍ରାଞ୍ଜଳ ସୂଚନା ପ୍ରଦାନ କରୁଥିବା କୌଣସି ଗୋଷ୍ଠୀର ନେତା ବା ମୁଖ୍ୟଙ୍କୁ **ଓପିନିୟନ୍ ଲିଡର୍** ବା ମୁଖପାତ୍ର କୁହାଯାଏ। କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ଏବଂ ସର୍ବସାଧାରଣରେ ରାଜନୈତିକ ନେତା ହେଉଛନ୍ତି ଜଣେ **ଓପିନିୟନ୍ ଲିଡର୍** ବା ମୁଖପାତ୍ର। ସେମାନେ ନିଜର ଗୋଷ୍ଠୀକୁ ସୂଚନାର ଅର୍ଥ ବୁଝାଇଥାନ୍ତି।

ସର୍ବସାଧାରଣରେ, ଜଣେ ରାଜନୈତିକ ନେତା ହେଉଛନ୍ତି ଜଣେ ମୁଖପାତ୍ର। ଜନତାଠାରୁ ଦୂରେଇ ଯାଇଥିବା ମୁଖପାତ୍ରମାନଙ୍କୁ ଲୋକେ ସାଧାରଣତଃ ସମର୍ଥନ କରି ନଥାନ୍ତି।

କାଜ୍ ଓ ପଲ୍‌ଙ୍କ ମତରେ 'ବେତାର ଓ ଛାପା ମାଧ୍ୟମରୁ ମୁଖପାତ୍ରଙ୍କ ନିକଟକୁ ବାର୍ତ୍ତାର ପ୍ରବାହ ହୁଏ ଏବଂ ସେମାନେ ଜନଗୋଷ୍ଠୀର କମ୍ ସକ୍ରିୟ ସଦସ୍ୟମାନଙ୍କ ପର୍ଯ୍ୟନ୍ତ ଏହି ବାର୍ତ୍ତାକୁ ବାଟ କଢାଇ ନିଅନ୍ତି।' ବାର୍ତ୍ତାର ଏହି ରୂପାନ୍ତର ଜରିଆରେ ନେତାମାନେ ମୌଳିକ ବିଷୟବସ୍ତୁ ସହ ନିଜସ୍ୱ ମତକୁ ଯୋଡ଼ି ଦେଇ ପାରନ୍ତି, ଯାହା କମ୍ ସକ୍ରିୟ ବ୍ୟବହାରକାରୀଙ୍କୁ ପ୍ରଭାବିତ କରିପାରେ। କେତେକ ସ୍ଥଳେ, ମୁଖପାତ୍ରମାନେ ବାର୍ତ୍ତାର ଯୁଗୋପଯୋଗିତା ଉପରେ ସେମାନଙ୍କ ଧାରଣା ଅନୁଯାୟୀ ମୌଳିକ ବିଷୟବସ୍ତୁକୁ କାଟଛାଂଟ୍ କରିଥାନ୍ତି।

**(ଅଧିକ ରେଫରେନ୍ସ ପାଇଁ ୟୁନିଟ୍-୩ ଦେଖନ୍ତୁ)**

**<u>ୟୁନିଟ୍-୪ ପରଠାରୁ</u>**

**୧୦ . କିନ୍‌କେଡ୍‌ଙ୍କ ମଡେଲ୍/ ଯୋଗାଯୋଗର କନଭର୍ଜେନ୍ସ ମଡେଲ୍ ପଛର ଧାରଣା କ'ଣ ?**

**ଉତ୍ତର:** ଯୋଗାଯୋଗର କନଭର୍ଜେନ୍ସ ମଡେଲ୍ ବା କନ୍‌କେଡ୍‌ଙ୍କ ମଡେଲ୍ ରୂପେ ଜଣାଶୁଣା ମଡେଲ୍/ନମୁନାଟି ଡି ଲରେନ୍ସ କିନ୍‌କେଡ୍ ଙ୍କ ଦ୍ୱାରା ବିକଶିତ ହୋଇଥିଲା।

ଏହା ଯୋଗାଯୋଗର ଏକ ଅଣ-ସରଳରୈଖୀୟ ମଡେଲ୍ ଯେଉଁଠି ଦୁଇ ଯୋଗାଯୋଗକାରୀ ଏକ 'ପାରସ୍ପରିକ ବୁଝାମଣା'ରେ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି।

ଯେତେବେଳେ ଯୋଗାଯୋଗ ପ୍ରକ୍ରିୟାରେ ସମ୍ମିଲ ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ସୂଚନା ପ୍ରସାରିତ ହୋଇଯାଏ, ଏହା ପାରସ୍ପରିକ ସହମତି ଓ  ପାରସ୍ପରିକ ବୁଝାମଣା ଦ୍ୱାରା ସମ୍ମିଳିତ କାର୍ଯ୍ୟ ଆଡକୁ ବାଟ କଢାଇନିଏ। ନିଷ୍ପତି ଗ୍ରହଣ ପୂର୍ବରୁ ଲୋକମାନେ ସୂଚନାଟିକୁ ବୁଝନ୍ତି, ଅର୍ଥ ନିରୂପଣ କରନ୍ତି ଓ ସଫଳ ଭାବେ ଏହାର **ଇଣ୍ଟରପ୍ରିଟ୍**/ଅର୍ଥ ପ୍ରକାଶ କରନ୍ତି।

**୧୧ . ଗୋଟିଏ ଉଦାହରଣ ସହ ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ବର୍ଣ୍ଣନା କର।**

**ଉତ୍ତର:** ହେଲିକ୍ସ ଦ୍ୱାରା ଅନୁପ୍ରାଣିତ ହୋଇ ୧୯୬୭ରେ, ଫ୍ରାଙ୍କ୍ ଡ୍ୟାନ୍ସ ଯୋଗାଯୋଗର ଏକ ମଡେଲ୍‌ର ପ୍ରସ୍ତାବ ଦେଲେ, ଯାହାକୁ ଯୋଗାଯୋଗର ହେଲିକାଲ୍ ମଡେଲ୍ କୁହାଯାଏ। **ହେଲିକ୍ସ** ହେଉଛି ଗୋଟିଏ ଥ୍ରି-ଡାଇମେନ୍‌ସନ୍ ଥିବା ବା ୩ଟି ପାର୍ଶ୍ୱବିଶିଷ୍ଟ ସିଲିଣ୍ଡର୍ ବା କୋନ୍‌ରେ ଥିବା ସ୍ପ୍ରିଙ୍ଗ୍ ଭଳି ବକ୍ରାକୃତି। ମନୁଷ୍ୟର ଜନ୍ମଠାରୁ ଏପର୍ଯ୍ୟନ୍ତ ବା ସାଂପ୍ରତିକ ସମୟ ପର୍ଯ୍ୟନ୍ତ ଯୋଗାଯୋଗର ବିକାଶକୁ ହେଲିକ୍ସ ସହିତ ତୁଳନା କରାଯାଏ। ହେଲିକାଲ୍ ମଡେଲ୍ ଯୋଗାଯୋଗର ଜ୍ୟାମିତିକ ଦୃଷ୍ଟିକୋଣ ପ୍ରଦାନ କରିଥାଏ। ଏହି ମଡେଲ୍‌ଟି ସରଳରୈଖୀୟ ଓ ବୃତ୍ତାକାରର ମିଶ୍ରରୂପବିଶିଷ୍ଟ ଏବଂ ଏହା ବ୍ୟକ୍ତି ସ୍ୱାତନ୍ତ୍ରତାର ସରଳରୈଖୀୟ ତଥା ବୃତୀୟ ଧାରଣା ସହ ସହମତ ହୋଇନଥାଏ।

**୧୨ . ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ଉପଯୋଗିତା ଗୁଡ଼ିକ କ'ଣ ?**

**ହେଲିକାଲ୍ ମଡେଲ୍‌ର ଉପଯୋଗିତା**

କ) ପ୍ରେରକ ଓ ପ୍ରାପକ ପରସ୍ପରର ଭୂମିକା ନେଇ ପାରନ୍ତି ଏବଂ ଏହା ଯୋଗାଯୋଗ ପ୍ରକ୍ରିୟାକୁ ଦ୍ୱିମୁଖୀ କରିଥାଏ ବୋଲି ଏହି ମଡେଲ୍ ଧରିନିଏ।

ଖ) ଏହି ମଡେଲ୍ ଅନୁଯାୟୀ ଯୋଗାଯୋଗ ପ୍ରକ୍ରିୟାଟି ଅନୁମାନ ଆଧାରିତ ଓ ବୌଦ୍ଧିକ।

**୧୩ . ଯୋଗାଯୋଗର ହେଲିକାଲ୍ ମଡେଲ୍‌ର ଦୋଷଦୁର୍ବଳତା ଗୁଡ଼ିକ କ'ଣ ?**

**ହେଲିକାଲ୍ ମଡେଲ୍‌ର ଦୋଷଦୁର୍ବଳତା**

୮.  ଯେତିକି ସରଳ ହେବା ଉଚିତ ତା'ଠାରୁ ଅଧିକ ସରଳ ବୋଲି ଏହି ମଡେଲ୍‌କୁ ଧରି ନିଆଯାଏ।

୯ . ଏଥିରେ ଖୁବ୍ କମ୍ ଭ୍ୟାରିଏବ୍‌ଲ୍ ଥିବାରୁ ଅନେକ ସମାଲୋଚକ ଏହାକୁ ଏକ ମଡେଲ୍ ରୂପେ ଗ୍ରହଣ କରନ୍ତି ନାହିଁ।

୧୦ . ଏହା କଳ୍ପନାଭିତିକ ହୋଇଥିବାରୁ ଏହାକୁ ପରଖି ହୁଏନାହିଁ।

୧୧ . ଏହା ବ୍ୟବସ୍ଥିତ ଓ ସଂଯୋଜିତ ଭାବେ ଉପସ୍ଥାପିତ ହୋଇନଥାଏ।

**(ଅଧିକ ପଠନ ପାଇଁ ୟୁନିଟ୍-୪ ଦେଖନ୍ତୁ)**

## ଅଧିକ ଜାଣିବା ପାଇଁ

### ସହାୟକ ଗ୍ରନ୍ଥସୂଚୀ


- ମାକ୍‌କ୍ୱେଲ ଡେନିସ୍., 'ମାକ୍‌କ୍ୱେଲ୍'ସ୍ ମାସ୍ କମ୍ୟୁନିକେସନ ସିଦ୍ଧାନ୍ତ', ସେଜ୍ ପବ୍ଲିକେସନ୍‌ସ ଲିମିଟେଡ୍, ଲଣ୍ଡନ, ୨୦୦୫
- ସାଲଓ୍ୱେନ୍, ମିଚେଲ୍ ବି., ଡନ୍ ଡବ୍ଲ୍ୟୁ., 'ଆନ୍ ଇଣ୍ଟିଗ୍ରାଲ୍ ଆପ୍ରୋଚ୍ ଟୁ କମ୍ୟୁନିକେସନ ମଡେଲ୍ ଆଣ୍ଡ ରିସର୍ଚ୍ଚ', ଲରେନ୍‌ସ ଆର୍ଲବମ୍ ଆସୋସିଏଟ୍‌ସ, ପ୍ରକାଶକ- ମାହଓ୍ୱାହ୍, ନ୍ୟୁ ଜର୍ସି, ୧୯୯୬
- ଅଗ୍ରଓ୍ୱାଲା, ବିରବାଲା. ଗୁପ୍ତା, ଭିଏସ୍., 'ହ୍ୟାଣ୍ଡବୁକ୍ ଅଫ୍ ଜର୍ଣ୍ଣାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେସନ', କନ୍‌ସେପ୍ଟ ପବ୍ଲିସିଂ କମ୍ପାନି, ନୂଆଦିଲ୍ଲୀ, ୨୦୦୧
- କୁମାର, କେବଳ ଜେ., 'ମାସ୍ କମ୍ୟୁନିକେସନ୍ ଇନ୍ ଇଣ୍ଡିଆ', ଜାଇକୋ ପବ୍ଲିସିଂ ହାଉସ୍, ନୂଆଦିଲ୍ଲୀ, ୨୦୦୦
- ନରୁଲା ଉମା, 'ମାସ୍ କମ୍ୟୁନିକେସନ ମଡେଲ୍ ଆଣ୍ଡ ପ୍ରାକ୍ଟିସ', ହର୍ ଆନନ୍ଦ ପବ୍ଲିକେସନ୍‌ସ, ନୂଆଦିଲ୍ଲୀ, ୨୦୧୫